● ବ୍ୟବସାୟ ପାଇଁ ଗଚ୍ଛିତ ଗଞ୍ଜେଇ ଉପରେ ଚଢ଼ଉ

# ଦୁଇ ଦିନରେ ୮୨୨ କିଲୋ ଗଞ୍ଜେଇ ଜବତ



**ନନ୍ଦପୁର,୩୧।୧(ସମିସ):** ଓଡ଼ିଶା-ଆନ୍ଧ୍ର ସୀମାନ୍ତ ପାଡୁଆ ପୁଲିସ ଲଗାତାର ଦୁଇ ଦିନ ଧରି ଚଢ଼ଉ କରି ଗଞ୍ଜେଇ ବ୍ୟବସାୟୀଙ୍କୁ ନାକେଦମ୍ କରିଛନ୍ତି। କୋରାପୁଟ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓ ସଞ୍ଜୟ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଲଗାତାର ଭାବେ ପାଡୁଆ ପୁଲିସ ଅପରେସନ ଗ୍ରୀନ୍ କ୍ଲିନକୁ ଏକ ରୂପ ଦେଇଛି। ଆଇଆଇସି ଅଶୋକ କୁମାର ବିଶୋଇ, ଏସ୍‌ଆଇ ହିମାଂଶୁ ବେହିଆ, ଦୀପକ କୁମାର ବାରିକ ପ୍ରମୁଖଙ୍କ ସହ ଏକ ପୁଲିସ ଟିମ୍ ଦର୍ଲିପୁଟଠାରୁ ଚାଟୁ ପାଟ୍ରୋଲିଂ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବରପାଇ ମକାପୁଟ ଜଙ୍ଗଲରେ ଚଢ଼ଉ କରି ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ଗଞ୍ଜେଇକୁ ଜବତ କରିବାରେ ସଫଳ ହୋଇଥିଲେ। ହେଲେ ଗଚ୍ଛିତ ଗଞ୍ଜେଇ କିଏ ରଖିଥିଲା ସେ ନେଇ ଅଧିକ ତଦନ୍ତ ନିମନ୍ତେ ଏସ୍‌ଆଇ ହିମାଂଶୁ ବେହିଆଙ୍କୁ ଦାୟିତ୍ୱ ଦିଆଯାଇଥିବା ଏସଡିପିଓ ସଞ୍ଜୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ତେବେ ଗତ ଦୁଇଦିନ ହେବ ଲଗାତାର ଭାବେ ପାଡୁଆ ପୁଲିସ ସୀମାନ୍ତ ଅଞ୍ଚଳରେ ଗଞ୍ଜେଇ ବ୍ୟବସାୟୀଙ୍କ ଗତିବିଧି ଉପରେ କଡ଼ା ନଜର ରଖି ବ୍ୟବସାୟ ପାଇଁ ଗଚ୍ଛିତ ରହିଥିବା ଗଞ୍ଜେଇକୁ ଜବତ କରିବାରେ ସଫଳ ହୋଇଛି। ଏହି ଦୁଇ ଦିନ ମଧ୍ୟରେ ମୋଟ ୮୨୨ କିଲୋ ଗଞ୍ଜେଇ ଜବତ କରିବାରେ ପୁଲିସ ସଫଳ ହୋଇଥିବାବେଳେ ବର୍ତ୍ତମାନ ଗଚ୍ଛିତ ଗଞ୍ଜେଇ ବ୍ୟବସାୟୀଙ୍କ ସମ୍ପର୍କରେ ଅନୁସନ୍ଧାନ ଜାରି ରଖିଛି ପୁଲିସ।

# ୧୯ ନଂ ୱାର୍ଡକୁ ବିଧାୟକଙ୍କ ପରିଦର୍ଶନ



**ସେମିଳିଗୁଡ଼ା,୩୧।୧(ସମିସ):** ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ୧୯ ନମ୍ବର ୱାର୍ଡରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରାଘୁରାମ ପଡ଼ାଲ୍ ପରିଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦେଶରେ ଚାଲୁଥିବା ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ପାଇଁ ବିଧାୟକ ରାଘୁରାମ ସେମିଳିଗୁଡ଼ାର ବିଭିନ୍ନ ସାହିରେ ଘରକୁ ଘର ବୁଲି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ ସୃଷ୍ଟି କରିବା ସହ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସୁବିଧା ଠିକ୍ ଭାବରେ ମିଳିଛି କି ନାହିଁ ବୋଲି ପଚାରି ବୁଝିଥିଲେ। ଏଥିସହ ବିଜୁ ଜନତା ଦଳର ଷ୍ଟିକର ନିଜେ ସେ ଲଗାଇଛନ୍ତି। ବିଧାୟକଙ୍କ ସହ ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର, ୧୮ ନଂ ୱାର୍ଡ କାଉନସିଲର ମମତା ରାୟ, ନେତା ଓ କର୍ମୀ ଯୋଗଦେଇଥିଲେ। ପରେ ୧୯ ନଂ ୱାର୍ଡରେ ବିଧାୟକ ପରିଦର୍ଶନ କରି ଲୋକଙ୍କ ସମସ୍ୟା ବୁଝିଥିଲେ। ସାହି ବାସିନ୍ଦାମାନେ ବିଭିନ୍ନ ସମସ୍ୟା ଉପରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ୟାର ସମାଧାନ ଦିଗରେ ଦୃଷ୍ଟି ଦେବେ ବୋଲି ବିଧାୟକ ରାଘୁରାମ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ, ପୌର ପରିଷଦ ଅଧ୍ୟକ୍ଷ, କାଉନସିଲରଙ୍କୁ ୱାର୍ଡ ବାସିନ୍ଦା ଏହି ଅବସରରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ପରଜା ସମାଜ ବିକାଶ ପରିଷଦର ପୁଷ୍ପୁନି ଭେଟ୍‌ଘାଟ୍

# ପୌଷ ଓ ଚୈତ୍ର ପୂର୍ଣ୍ଣିମାକୁ ସରକାରୀ ଛୁଟି ଘୋଷଣା ଦାବି

**ଜୟପୁର,୩୧।୧(ସମିସ)**



କୋରାପୁଟ ଜିଲ୍ଲା ଜୟପୁରଠାରେ ଅବିଭକ୍ତ କୋରାପୁଟ ଜିଲ୍ଲା ପରଜା ସମାଜ ବିକାଶ ପରିଷଦର ପୁଷପୁନି ଭେଟଘାଟ କାର୍ଯ୍ୟକ୍ରମ ସ୍ଥାନୀୟ ଦଶହରା ପଡ଼ିଆଠାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଯୋଗଦେଇ ପରଜା ସମାଜର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଦିବାସୀମାନଙ୍କ ଉନ୍ନତି ଓ ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି। ଏହି ପରିଷଦ ଦ୍ୱାରା ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଆଦିବାସୀମାନଙ୍କ ଉନ୍ନତି ଓ ବିକାଶ ପାଇଁ ଖର୍ଚ୍ଚ କରାଯାଉଛି। ଏଥିରୁ ପରଜା ସମାଜ ଉନ୍ନତି ପାଇଁ ପ୍ରୟାସ ଜାରି ରଖିବାକୁ କହିଥିଲେ। ସେହିପରି କୁଇ ଏବଂ ସଉରା ଭାଷାକୁ ସରକାର ମାନ୍ୟତା ଦେଇଛନ୍ତି। ସେହିପରି ପରଜା ତଥା ଦେଶୀୟା ଭାଷାକୁ ଆଦିବାସୀ ମାନ୍ୟତା ପ୍ରଦାନ କରିବାକୁ ଭାଷଣ ମାଧ୍ୟମରେ ଦାବି କରିଥିଲେ। ଅବିଭକ୍ତ କୋରାପୁଟ ଏବଂ କଳାହାଣ୍ଡି ଜିଲ୍ଲାରେ ପରଜା ଜନଜାତି ବହୁ ସଂଖ୍ୟାରେ ବସବାସ କରିଥାଆନ୍ତି। ତେଣୁ ଏହି ଅଞ୍ଚଳରେ ପରଜା ସମାଜର ସଂସ୍କୃତି, ଭାଷା ଏବଂ ଅନ୍ୟାନ୍ୟ ବିକାଶ ପାଇଁ ଅଧିକ ଗୁରୁତ୍ୱ ପ୍ରଦାନ କରିବାକୁ ସରକାରଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ପଟ୍ଟାଙ୍ଗି ବିଧାୟକ ପୀତମ ପାଢ଼ି, ଅବିଭକ୍ତ କୋରାପୁଟ ଜିଲ୍ଲା ପରଜା ସମାଜ ବିକାଶ ପରିଷଦର ଅଧ୍ୟକ୍ଷ ହରିଶ ମୁଦୁଲି, ପୂର୍ବତନ ସରପଞ୍ଚ ସଂଘର ସଭାପତି ଭଗବାନ ମୁଦୁଲି, ନବରଙ୍ଗପୁର ଜିଲ୍ଲା ପରଜା ସମାଜର ସଭାପତି ବୁଦୁ ଜାନୀ, ଖଗପତି ଜାନୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ପରଜା ସମାଜର ଜିଲ୍ଲା ସଭାପତି କମଲୁ ଜାନୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୌଷ ପୂର୍ଣ୍ଣିମା ଏବଂ ଚୈତ୍ର ପୂର୍ଣ୍ଣିମାକୁ ସରକାରୀ ଛୁଟି ଘୋଷଣା କରିବାକୁ ଅନ୍ୟାନ୍ୟ ଅତିଥିମାନଙ୍କ ସହିତ ଦାବି କରିଥିଲେ।

ଶେଷରେ ପୂର୍ବତନ ସରପଞ୍ଚ ତ୍ରିନାଥ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ମଧ୍ୟାହ୍ନରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ପରଜା ସମାଜ ଜନଜାତିର ପୁରୁଷ, ମହିଳା ସ୍ଥାନୀୟ ସୂର୍ଯ୍ୟ ମହଲଠାରେ ଏକତ୍ରିତ ହୋଇଥିଲେ। ସେଠାରେ ଦେବୀ ବଣ୍ଡାବାଘ ନିକଟରେ ମାଣ୍ଡିଆ ଶସ୍ୟରୁ ନିର୍ମିତ ଲାଦା ଏବଂ ମାଣ୍ଡିଆ ଓ ଧାନ ଶସ୍ୟକୁ ପୂଜାପାଠ କରିଥିଲେ। ସେହିପରି ନିଜ ନିଜ ଗ୍ରାମଦେବୀଙ୍କୁ ସ୍ମରଣ କରିବା ସହ ସମାଜ ଜନଜାତି ଲୋକମାନେ ଆଦିବାସୀ ବାଜାବଜଣା ଢେମସା ନାଚ ଓ ଗୀତରେ ଏକ ଶୋଭାଯାତ୍ରାରେ ମୁଖ୍ୟ ରାସ୍ତା ଦେଇ ଦଶହରା ପଡ଼ିଆଠାରେ ଏକତ୍ରିତ ହୋଇଥିଲେ। ସେଠାରେ ସଭା ଏବଂ ପୁଷପୁନି ଭେଟଘାଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

▶▶ ରାୟଗଡ଼ା ଜିଲ୍ଲାପାଳ ଭାବେ ମନୋଜ ସତ୍ୟବାନ ମହାଜନଙ୍କ ଦାୟିତ୍ୱଗ୍ରହଣ

# ‘ଜିଲ୍ଲାର ସାମଗ୍ରିକ ବିକାଶକୁ ଦିଆଯିବ ଗୁରୁତ୍ୱ’

**ରାୟଗଡ଼ା,୩୧।୧(ସମିସ)**



ରାୟଗଡ଼ା ଜିଲ୍ଲାର ନୂତନ ଜିଲ୍ଲାପାଳ ଆଇଏଏସ ମନୋଜ ସତ୍ୟବାନ ମହାଜନ ବୁଧବାର ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲାପାଳ ରାମେଶ୍ୱର ପ୍ରଧାନଙ୍କଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲ୍ଲାର ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦିଆଯିବା ସହ ସରକାରଙ୍କ ସମସ୍ତ ଯୋଜନାରେ ଜିଲ୍ଲାବାସୀ କିଭଳି ଭାବେ ଉପକୃତ ହୋଇପାରିବେ ଏବଂ ପ୍ରଶାସନିକ କ୍ଷେତ୍ରରେ ସମସ୍ତେ କିଭଳି ସରକାରୀ ସେବା ପାଇପାରିବେ ସେଥିପ୍ରତି ବିଶେଷ ଦୃଷ୍ଟି ଦେବେ ବୋଲି ସେ କହିଛନ୍ତି। ଦାୟିତ୍ୱ ଗ୍ରହଣ କରିବାପରେ ନୂତନ ଜିଲ୍ଲାପାଳଙ୍କୁ ଅତିରିକ୍ତ ଜିଲ୍ଲାପାଳ ଭାସ୍କରଚନ୍ଦ୍ର ରାଇତଙ୍କ ସମେତ କାର୍ଯ୍ୟାଳୟର ବିଭିନ୍ନ ସେକ୍ସନ ଅଫିସର, ସାମ୍ବାଦିକ ସଂଘର କର୍ମକର୍ତ୍ତା, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, କର୍ମଚାରୀ ସଂଘର କର୍ମକର୍ତ୍ତା ଓ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ତାଙ୍କୁ ସ୍ୱାଗତ କରିଥିଲେ। ତତ୍କାଳୀନ ଜିଲ୍ଲାପାଳ ସ୍ୱାଧାଦେବ ସିଂଙ୍କ ନୟାଗଡ଼ ଜିଲ୍ଲାପାଳ ଭାବେ ବଦଳି ହେବା ପରେ ଅତରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଜିଲ୍ଲାପାଳ ଦାୟିତ୍ୱ ତୁଲାଉଥିଲେ। ନୂତନ ଜିଲ୍ଲାପାଳ ଶ୍ରୀ ମହାଜନ ଏହା ପୂର୍ବରୁ ସୁନ୍ଦରଗଡ଼ ଜିଲ୍ଲାରେ ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଜ ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରି ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଥିଲେ।

# କୋରାପୁଟ ନୂତନ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଦାୟିତ୍ୱ ଗ୍ରହଣ

**କୋରାପୁଟ,୩୧।୧(ସମିସ):**



କୋରାପୁଟ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଭି. କୀର୍ତ୍ତି ଭାସନ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲ୍ଲାର ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ତଥା ବିଡିଓ ଏବଂ ତହସିଲଦାରମାନେ ନୂତନ ଜିଲ୍ଲାପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କୋରାପୁଟ ଜିଲ୍ଲା ବିଜେଡି ଯୁଗ୍ମ ସମ୍ପାଦକ ଟି. କିରଣ କୁମାର ମଧ କାର୍ଯ୍ୟାଳୟକୁ ଆସି ନୂତନ ଜିଲ୍ଲାପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଲୋକଙ୍କ ନିକଟରେ ପହଞ୍ଚାଇବା ପ୍ରାଥମିକତା ରହିବ ବୋଲି ନୂତନ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ କହିଛନ୍ତି। ପୂର୍ବତନ ଜିଲ୍ଲାପାଳଙ୍କ ଦ୍ୱାରା ନିଆଯାଇଥିବା ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ। ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ କରାଯିବ ବୋଲି ସେ କହିଛନ୍ତି। ଏଥିପୂର୍ବରୁ ଗଞ୍ଜାମ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଭାବେ ସେ ଦାୟିତ୍ୱ ତୁଲାଇଥିଲେ। ଗଞ୍ଜାମ ଜିଲ୍ଲାରେ ଟ୍ରେନିଂ, ଉପଜିଲ୍ଲାପାଳ ଓ ସିଡିଓ ଭାବେ କାର୍ଯ୍ୟରତ ଥିବାବେଳେ ଏହା ତାଙ୍କର ଜିଲ୍ଲାପାଳ ଭାବେ ଦାୟିତ୍ୱ ନେବା ଜୀବନର ପ୍ରଥମ ହୋଇଥିବା ଶ୍ରୀ ଭାସନ କହିଛନ୍ତି। ପ୍ରାକୃତିକ ସୋନ୍ଦର୍ଯ୍ୟରେ ଭରପୂର୍ ରହିଥିବା କୋରାପୁଟ ଜିଲ୍ଲାର ଜିଲ୍ଲାପାଳ ହେବା ତାଙ୍କ ପାଇଁ ନିଶ୍ଚିତ ଭାବେ ଗର୍ବ ଓ ଗୌରବ ଅଟେ ବୋଲି ସେ କହିବା ସହ ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଜିଲ୍ଲା ପ୍ରଶାସନର ବିକାଶମୂଳକ କାର୍ଯ୍ୟରେ ସହଯୋଗ କରିବାକୁ ନିବେଦନ କରିଛନ୍ତି।

# ଦାମୀ କାର୍‌ରେ ଛେଳି ଚୋରି; ଜଣେ ଗିରଫ, ୩ ଫେରାର୍



**ମାଲକାନଗିରି,୩୧।୧(ସମିସ):** ଚୋରି କରିବାର ଚୋରଙ୍କ ନୂଆ କୌଶଳ ଦେଖିବାକୁ ମିଳିଛି। ଦାମୀ କାରରେ ୪ଟି ଛେଳି ଚୋରି କରି ନେଉଥିବା ସମୟରେ ଗାଁ ଲୋକ ଓ ପୁଲିସ ହାବୁଡ଼ରେ ପଡ଼ି ଜଣେ ଗିରଫ ହୋଇଥିବାବେଳେ ଅନ୍ୟ ୩ଜଣ ଫେରାର ହୋଇଯାଇଛନ୍ତି। ମାଲକାନଗିରି ଥାନା ଅନ୍ତର୍ଗତ ଭେଜାଗୁଡ଼ା ପଞ୍ଚାୟତର ଡଙ୍ଗଗୁଡ଼ାରେ ଏଭଳି ଘଟଣା ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ଗ୍ରାମର ରାମ ମୁଦୁଲି ଆଜି ସକାଳେ ଗାଁ ମୁଣ୍ଡ ୩୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଛେଳି ଚରାଉ ଥିବାବେଳେ ରାଜପଥରେ ଜୟପୁର ଆଡୁ ଏକ କାର ଆସି ଛେଳି ଚରୁଥିବା ପାଖରେ ଠିଆ ହୋଇଥିଲା। କିଛି ସମୟ ପରେ ଛେଳି ମାଲିକ ରାମ ଦେଖନ୍ତି ତାଙ୍କର ଦୁଇଟା ଛେଳି ନାହିଁ। ସେ ସନ୍ଦେହ କରି କାର ନିକଟକୁ ଯିବାରୁ କାରଟି ମାଲକାନଗିରି ଅଭିମୁଖେ ପଳାଇଥିଲା। ରାମ ଗାଁ ଲୋକଙ୍କୁ ଡାକି ମଟର ସାଇକଲରେ କାରକୁ ପିଛା କରିବା ସହ ଓ ଥାନାକୁ ଫୋନ କରି ଜଣାଇଥିଲେ। ତେବେ ଝଟିକାଗୁଡ଼ା ଗ୍ରାମ ନିକଟରେ କାରକୁ କାବୁ କରିବା ବେଳକୁ ୩ଜଣ ଦୌଡ଼ି ଖସି ଯାଇଥିବାବେଳେ ଜଣଙ୍କୁ ସ୍ଥାନୀୟ ଲୋକେ ଓ ପୁଲିସ ଧରିବା ସହ କାରରେ ଥିବା ୪ଟି ଛେଳି ଓ ଗାଡ଼ିକୁ ଜବତ କରିଥିଲେ। ରାମ ମୁଦୁଲି ଓ ସୀତାରାମ ଖିଲଙ୍କ ଚୋରି ହୋଇଥିବା ୪ଟି ଛେଳିକୁ ପୁଲିସ ସେମାନଙ୍କୁ ହସ୍ତାନ୍ତର କରିଛି। ଗିରଫ ବ୍ୟକ୍ତି ହେଲେ କୋରାପୁଟର କୃତିବାସ ଜାନି। ଏମାନେ ଆଉ କେଉଁଠି ଛେଳି ଚୋରି କରିଛନ୍ତି କି ସେ ସମ୍ପର୍କରେ ଅଧିକ ତଦନ୍ତ ଚାଲୁ ରହିଛି ବୋଲି ମାଲକାନଗିରି ଥାନା ଅଧିକାରୀ ରିଙ୍ଗନ କିଣ୍ଡୋ ସୂଚନା ଦେଇଛନ୍ତି।

## ଆଜିଠୁ ସେମିଳିଗୁଡ଼ାରେ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ସେମିଳିଗୁଡା,୩୧।୧(ସମିସ):** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସହରରେ ଗୁରୁବାରଠାରୁ ରବିବାର ପର୍ଯ୍ୟନ୍ତ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବ। ଗୁରୁବାର ସକାଳେ ସେମିଳିଗୁଡ଼ା ଗାୟତ୍ରୀ ମନ୍ଦିରରୁ ୧୦୦୮ କଳସ ଯାତ୍ରା ମାଧ୍ୟମରେ ସହର ପରିକ୍ରମା କରାଯିବ। ଗାୟତ୍ରୀ ମହାଯଜ୍ଞ ସ୍ଥାନରେ ପଞ୍ଚିବା ପରେ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଶାନ୍ତି କୁଞ୍ଜର ଅଖିଳ ବିଶ୍ୱ ଗାୟତ୍ରୀ ପରିବାରରୁ ଆସିଥିବା ୧୨ ଜଣ ସନ୍ଥ ମହାଯଜ୍ଞର ଶୁଭାରମ୍ଭ କରିବେ। ଶୁକ୍ରବାର ସାମୂହିକ ଜପ, ଧ୍ୟାନ, ଯୋଗ, ଯଜ୍ଞ, ସାମୂହିକ ବିବାହ ସଂସ୍କାର, ବ୍ରତ, ନାମକରଣ, ମୁଣ୍ଡନ, ବିଦ୍ୟାରମ୍ଭ



କାର୍ଯ୍ୟକ୍ରମ ହେବ। ଶନିବାର ଏହିସବୁ ବିଭିନ୍ନ ସଂସ୍କାର ସହ ଦେବଦମ୍ପତି ସମ୍ମିଳନୀ, ୨୪ ହଜାରର ବିରାଟ ଦୀପ ଯଜ୍ଞର ବ୍ୟବସ୍ଥା କରାଯାଉଛି। ୪ ତାରିଖ ଦିନ ପୂର୍ଣ୍ଣାହୂତି କରାଯାଇ ହରିଦ୍ୱାର ଶାନ୍ତି କୁଞ୍ଜରୁ ଆସିଥିବା ସନ୍ଥମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯିବ। ବୁଧବାର ମହାଯଜ୍ଞ ସ୍ଥଳରେ କୋରାପୁଟ ଜିଲ୍ଲା ଗାୟତ୍ରୀ ପରିବାର ଏବଂ ସେମିଳିଗୁଡ଼ା ଗାୟତ୍ରୀ ଯଜ୍ଞ ପରିଚାଳନା କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ ହୋଇଥିବାବେଳେ କମିଟିର ଡ. ଚିତ୍ତରଞ୍ଜନ ମିଶ୍ର, ବିଚିତ୍ରାନନ୍ଦ ଧଳ, ଆନନ୍ଦ ପାଟ୍ନାୟିଆ, କୋରାମଣି ମହାରଣା, ବାସୁଦେବ ସାହୁ, ଅଜୟ ସୂତାର, ପ୍ରଭାକର ମହାରଣା, ବୁଲୁ ପ୍ରସାଦ ମଲ୍ଲିକ ଯୋଗଦେଇଥିଲେ। ହରିଦ୍ୱାରର ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରତି କୁଳାଧିପତି ଡ. ଚିନ୍ମୟ ପାଣ୍ଡ୍ୟାଙ୍କ ଦ୍ୱାରା ବିଶେଷ ପ୍ରବଚନ କାର୍ଯ୍ୟକ୍ରମ ରଖାଯାଇଛି।

# ମଦର ଟେରେସା ଏଜୁକେସନାଲ୍ ଟ୍ରଷ୍ଟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



**ରାୟଗଡ଼ା,୩୧।୧(ସମିସ):** ରାୟଗଡ଼ା ସହରର କସ୍ତୁରୀ ନଗରସ୍ଥିତ ମଦର ଟେରେସା ଏଜୁକେସନାଲ୍ ଟ୍ରଷ୍ଟର ୧୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ପ୍ରଥମ ଦିନର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଟ୍ରଷ୍ଟର ଫାଉଣ୍ଡର ତଥା ସଭାପତି ବି.ଶଙ୍କର ରାଓ ଯୋଗଦେଇ ଛାତ୍ରଛାତ୍ରୀ ତଥା କ୍ରୀଡ଼ା ଉତ୍ସବରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥି ରୂପେ ଟ୍ରଷ୍ଟ ସମ୍ପାଦକ ବି.ସନ୍ତୋଷ କୁମାର ଯୋଗଦେଇ ବିଦ୍ୟାଳୟର କ୍ରୀଡ଼ା ଉତ୍ସବର ସୁନ୍ଦର ଆୟୋଜନକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଜେସିଏଚ ଚୌଧୁରୀ, ଉପାଧ୍ୟକ୍ଷ କେଏସଏନ. ଶର୍ମା ପ୍ରମୁଖ କାର୍ଯ୍ୟକ୍ରମର ଆୟୋଜନ କରିଥିବାବେଳେ ବିଦ୍ୟାଳୟର ଏ.ଓ ପ୍ରମୋଦ କୁମାର ଲିମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କ ସହଯୋଗରେ କ୍ରୀଡ଼ା ଉତ୍ସବଟି ସୁରୁଖୁରରେ ସମ୍ପନ୍ନ ହୋଇଥିଲା। ଏହି ବାର୍ଷିକ କ୍ରୀଡ଼ାରେ ଦୌଡ଼,ଖୋଖୋ,ସଂଗୀତ ଚୌକି, କବାଡ଼ି, ଲେମନ୍ ସ୍ପୁନ୍ ଆଦି ଖେଳର ଆୟୋଜନ କରାଯାଇଥିଲା। ଏହି କ୍ରୀଡ଼ା ଉତ୍ସବ ପାଳନ ଅବସରରେ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା’ ମଝିଘରିଆଣୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ରାୟଗଡ଼ା ପୁଲିସ ସହାୟତାରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇ କସ୍ତୁରୀ ନଗରସ୍ଥିତ ବିଦ୍ୟାଳୟର ଖେଳପଡ଼ିଆରେ ପହଞ୍ଚିବା ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପ୍ରଧାନଶିକ୍ଷକ ଶ୍ରୀ ଚୌଧୁରୀ ସମସ୍ତ ସହଯୋଗୀଙ୍କୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଟ୍ରଷ୍ଟ ସଭାପତି ଶ୍ରୀ ରାଓ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରି ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତର ଶୁଭକାମନା କରିଥିଲେ।

## ‘ଶିଶୁମାନଙ୍କ ପାଇଁ ଦିନଟିଏ’ କାର୍ଯ୍ୟକ୍ରମ

# ରାୟଗଡ଼ାକୁ ଶିଶୁ ମିତ୍ର ଜିଲ୍ଲା ଭାବେ ଗଢ଼ିବା ପାଇଁ ଆହ୍ୱାନ

**କଲ୍ୟାଣସିଂହପୁର,୩୧।୧(ସମିସ)**



ଜିଲ୍ଲାରେ ଶିଶୁମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ‘ପ୍ରଚେଷ୍ଟା’ ମାଧ୍ୟମରେ ତ୍ରୟମାସିକ ସମୀକ୍ଷା ବୈଠକ ‘ଶିଶୁଙ୍କ ପାଇଁ ଦିନଟିଏ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାରେ ଶିଶୁମାନଙ୍କ ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଥିବା କମିଟି ସମୂହ ଯଥା ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତୀକରଣ, ବାଲ୍ୟବିବାହ ପ୍ରତିରୋଧ ଟାସ୍କଫୋର୍ସ ଏବଂ ଶିଶୁ ଶ୍ରମିକ ନିରାକରଣ କମିଟିର ସଦସ୍ୟ ଓ ସଦସ୍ୟାମାନେ ଯୋଗଦେଇଥିଲେ। ଏହି ମିଳିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାରେ ପ୍ରତ୍ୟେକ ଶିଶୁମାନଙ୍କୁ ସୁରକ୍ଷା ଓ ବାଲ୍ୟ ବିବାହକୁ ରୋକିବା ପାଇଁ ପ୍ରଶାସନର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଇତ କହିଥିଲେ। ବିଭାଗଗୁଡ଼ିକ ମଧ୍ୟରେ ଉତ୍ତମ ସମ୍ପର୍କ ଓ ସମନ୍ୱୟ ରଖି ଜିଲ୍ଲାରେ ସମସ୍ତ ଶିଶୁମାନଙ୍କୁ ସୁରକ୍ଷା ଦେବା ସହିତ ରାୟଗଡ଼ା ଜିଲ୍ଲାକୁ ଶିଶୁ ମିତ୍ର ଜିଲ୍ଲା ହିସାବରେ ଗଢ଼ି ତୋଳିବାର ଆବଶ୍ୟକତା ରହିଛି। ଆଜି ଆମେ ଯେଉଁ କାର୍ଯ୍ୟ କରୁଛେ ତାହା ଆଗାମୀ ଦିନରେ ଜିଲ୍ଲା ପାଇଁ ସୁଫଳ ଆଣିଦେବ। ଗୋଟିଏ ବିଭାଗର କାମ ଅନ୍ୟ ବିଭାଗ ପ୍ରତି ପରୋକ୍ଷରେ ସହାୟକ ହେଉଛି ତେଣୁ ମିଳିତ ଭାବେ ଯୋଜନା କରି କାର୍ଯ୍ୟ ସମ୍ପାଦନ କରିବାର ଆବଶ୍ୟକତା ରହିଛି। କିଶୋର କିଶୋରୀମାନଙ୍କୁ ଶିକ୍ଷା ଓ ସଚେତନତା କରାଇବା ସହିତ ଶିଶୁ ମିତ୍ର ଜିଲ୍ଲା ଗଠନ ପାଇଁ ପରାମର୍ଶ ଦେଇଥିଲେ। ସମ୍ବେଦନଶୀଳ ଶିଶୁମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଥଇଥାନ କରିବା ଓ ପୋଷ୍ୟ ସନ୍ତାନ ଗ୍ରହଣ ଉପରେ ଅଧିକ ଗୁରୁତ୍ୱ ଦେଲେ ଆମ ଜିଲ୍ଲାର ଅନେକ ଶିଶୁ ଉପକୃତ ହୋଇପାରିବେ ବୋଲି ଆଲୋଚନା ହୋଇଥିଲା। ବିଶେଷ କରି ପଞ୍ଚାୟତସ୍ତରରେ ଏହାର ସଫଳ ରୂପାୟଣ ନିମନ୍ତେ ସରପଞ୍ଚ, ୱାର୍ଡ ମେମ୍ବର ଓ ଅନ୍ୟ ପଞ୍ଚାୟତ ପ୍ରତିନିଧିମାନଙ୍କ ପ୍ରମୁଖ ଭୂମିକା ରହିଥିବାରୁ ସେମାନଙ୍କୁ ଦାୟିତ୍ୱ ନେବାପାଇଁ ମତବ୍ୟକ୍ତ କରିଛନ୍ତି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ରା ସେଠୀ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ପରିଡ଼ା ବୈଠକ ପ୍ରାରମ୍ଭରେ ସୂଚନା ଦେଇ କହିଥିଲେ ଯେ, ଚଳିତ ୩ ମାସରେ ଜିଲ୍ଲାରେ ବ୍ଲକ୍ ଓ ପଞ୍ଚାୟତସ୍ତରରେ ଅନୁରୂପ ଭାବରେ ବ୍ଲକ୍ ଓ ପଞ୍ଚାୟତସ୍ତରରେ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତୀକରଣ ଓ ବାଲ୍ୟବିବାହ ପ୍ରତିରୋଧ ଟାସ୍କଫୋର୍ସ, ଶିଶୁ ଶ୍ରମିକ ନିରାକରଣ କମିଟିର ବୈଠକ ଅନୁଷ୍ଠିତ ହୋଇଛି। ଗତ ଦିନମାନଙ୍କରେ ଜିଲ୍ଲା ପ୍ରଶାସନ ତରଫରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସେ ଆଲୋକପାତ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପରିଡ଼ା ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ଆଜି ପର୍ଯ୍ୟନ୍ତ ୧୩୪୫ଟି ରାଜସ୍ୱ ଗ୍ରାମକୁ ପ୍ରଶାସନ ତରଫରୁ ବାଲ୍ୟବିବାହ ମୁକ୍ତ ଗ୍ରାମଭାବରେ ଘୋଷଣା କରାଯାଇଛି ବୋଲି କହିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ୟୁନିସେଫ ଓ ଆକ୍ସନଏଡର ମିଳିତ ପ୍ରୟାସରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟଖସଡ଼ା ପ୍ରସ୍ତୁତି କରାଯାଇ ଗ୍ରାମଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ ଚାଲୁଥିବାର ସୂଚନା ଦେଇଥିଲେ। ପରେ ପରେ ଆକ୍ସନଏଡର ଜିଲ୍ଲା ପରାମର୍ଶଦାତା ରତ୍ନେଶ୍ୱର ସାହୁ ଶିଶୁମାନଙ୍କ ସୁରକ୍ଷା ଓ ବାଲ୍ୟ ବିବାହର ନିଃଶେଷ ଉଦ୍ଦେଶ୍ୟରେ ଜିଲ୍ଲାରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ଆଗାମୀ ଦିନର କାର୍ଯ୍ୟକ୍ରମ ଉପରେ ବୈଠକରେ ଉପସ୍ଥାପନା କରିଥିଲେ। ଏହା ସହିତ ଶିଶୁମାନଙ୍କ ପାଇଁ ବିକଳ୍ପ ଯତ୍ନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଅରୁଣା-ସିଆରଏସ ଦ୍ୱାରା ମିଳିତ ଭାବେ ପ୍ରସ୍ତୁତ ପଞ୍ଚାୟତ ଓ ପୌରସଭାକୁ ମିଳୁଥିବା ଅନଟାଏଡ ଅନୁଦାନର ୫ପ୍ରତିଶତ ଯାହା ମହିଳା ଓ ଶିଶୁ ବିକାଶ ନିମନ୍ତେ ଉଦ୍ଦିଷ୍ଟ। ତାକୁ ଶିଶୁର ପାରିବାରିକ ଯତ୍ନ, ଶିକ୍ଷା, ସ୍ୱାସ୍ଥ୍ୟ, ବୃତ୍ତିଗତ ତାଲିମ ତଥା ଅନ୍ୟାନ୍ୟ ଆବଶ୍ୟକତା ନିମନ୍ତେ ଖର୍ଚ୍ଚ କରାଯାଇପାରିବ। ଜିଲ୍ଲାସ୍ତରୀୟ କାର୍ଯ୍ୟଖସଡ଼ାକୁ ଜିଲ୍ଲା ପରାମର୍ଶଦାତା ପ୍ରମୋଦ କୁମାର ନାୟକ ଓ ସସ୍ମିତା ଭୋଇ ଉପସ୍ଥାପନ କରିବା ସହ ଆଲୋଚନା କରାଯାଇ ଗୃହୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁମଙ୍ଗଳ ସମିତିର ଅଧ୍ୟକ୍ଷା ବିଦୁଲତା ଇକା, ଜିଲ୍ଲା ଶ୍ରମ ଅଧିକାରୀ ଜସ୍ମିନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସିମାଞ୍ଚଳ ମହାପାତ୍ର, ଜିଲ୍ଲାର ସମସ୍ତ ସିଡିପିଓ ତଥା ବାଲ୍ୟବିବାହ ନିଷେଧ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିସହିତ ଆଲୋଚନାରେ ସମସ୍ତେ ଅଂଶଗ୍ରହଣ କରି ଜିଲ୍ଲାରେ ‘ଶିଶୁଙ୍କ ପାଇଁ ଦିନଟିଏ’ କାର୍ଯ୍ୟକ୍ରମ, ଶିଶୁ ଶ୍ରମିକ ନିରାକରଣ ଏବଂ ବାଲ୍ୟ ବିବାହର ସମାପ୍ତ ଦିଗରେ ନିଜର ମତାମତ ପ୍ରଦାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପ୍ରତାପ କୁମାର ଦାଶଙ୍କ ସମେତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ରା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।



### ସରକାରୀ ସହାୟତାରେ ହୋଇପାରିଛନ୍ତି ସଫଳ ଚାଷୀ

# ଶିକ୍ଷିତ ଯୁବକଙ୍କୁ ସ୍ୱାବଲମ୍ବୀ କରିଛି ସମନ୍ୱିତ ଚାଷ




**ମାଲକାନଗିରି,୩୧।୧(ସମିସ):** ଆଜିକା ଯୁଗରେ ଯୁବପିଢ଼ି ସାଧାରଣତଃ ଚାଷ ପ୍ରତି ମନ ଦେଉ ନ ଥିବାବେଳେ ଧୀରେ ଧୀରେ ଚାଷୀଙ୍କ ସଂଖ୍ୟା କମିବାରେ ଲାଗିଛି। ତେବେ ଏଭଳି କ୍ଷେତ୍ରରେ ସରକାରୀ ସହାୟତାରେ ମାଲକାନଗିରି ଭଳି ଆଦିବାସୀ ବହୁଳ ଜିଲ୍ଲାରେ ଚାଷକୁ ନିଜର ନିଶା ଓ ପେସା କରି ଭଲ ରୋଜଗାର କରିବା ସହ ଅନ୍ୟ ପାଇଁ ଉଦାହରଣ ପାଲଟିଛନ୍ତି ଜଣେ ଶିକ୍ଷିତ ଯୁବକ। କଥାରେ ଅଛି ଚାଷ କାମ ଯାହାର କି ଆନନ୍ଦ ତାହାର। ଏହି କଥାକୁ ସଫଳ କରି ଦେଖାଇଛନ୍ତି ଜିଲ୍ଲାର ଶିକ୍ଷିତ ଯୁବ ଚାଷୀ ଚକ୍ରଧର ପଟ୍ଟନାୟକ। ଚାଷ କାମରୁ ଏବେ ଯୁବପିଢ଼ି ମୁହଁ ଫେରେଇ ନେଉଥିବାବେଳେ ସମନ୍ୱିତ ଚାଷ କରି ଚକ୍ରଧର ବେଶ୍ ଚର୍ଚ୍ଚା ସାଉଣ୍ଟିଛନ୍ତି। ମାଲକାନଗିରି ଜିଲ୍ଲାର ସିନ୍ଧିମାଳ ପଞ୍ଚାୟତ ଅନ୍ତର୍ଗତ ଦାନିଗୁଡ଼ାଠାରେ ସେ ପ୍ରଥମେ ୫ ଏକର ଜମିରେ ମାଛ ଚାଷ ଆରମ୍ଭ କରିଥିଲେ। ଆଉ ସେହି ୫ ଏକର ଜମିରେ ଏବେ ମାଛ ଚାଷ ସହ ବିଭିନ୍ନ ପ୍ରଜାତିର ବତକ, ଦେଶୀ କୁକୁଡ଼ା ଓ ଛେଳି ଚାଷ ଆରମ୍ଭ କରିଛନ୍ତି ଚକ୍ରଧର। ତେବେ ଚକ୍ରଧରଙ୍କ ଦାନିଗୁଡ଼ା ପୋଖରୀ ମାଛର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ସ୍ୱଚ୍ଛ ପରିବେଶ ସାଙ୍ଗକୁ ସଫା ପାଣିରେ ମାଛ ବଢୁଥିବାରୁ ଏହାର ସ୍ୱାଦ ମଧ୍ୟ କିଛିଟା ଅଲଗା ବୋଲି କହିଛନ୍ତି ସ୍ଥାନୀୟ ଲୋକେ। ପ୍ରାୟ ୧୦ରୁ ଅଧିକ ପ୍ରଜାତିର ମାଛ ଚାଷ କରନ୍ତି ଚକ୍ରଧର। ତେଣୁ ସ୍ଥାନୀୟ ବ୍ୟବସାୟୀମାନେ ଦୈନିକ ଭିଡ଼ ଜମାନ୍ତି ତାଙ୍କ ଦାନିଗୁଡ଼ା ଫାର୍ମରେ। ଯୁକ୍ତ ତିନି ପାଠ ପଢ଼ି ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଭାବେ ଚାକିରି କରୁଥିଲେ ଚକ୍ରଧର। ପ୍ରଥମେ ଗୋଟିଏ ପୋଖରୀରେ ମାଛ ଛାଡ଼ିବା ପରେ ୨୦୨୨-୨୩ ମସିହାରେ ମତ୍ସ୍ୟ ପୋଖରୀ ଯୋଜନାରେ ୧୨ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ୮ଟି ପୋଖରୀ ଖନନ କରିଥିଲେ ଚକ୍ରଧର। ଏଥିପାଇଁ ରାଜ୍ୟ ସରକାରଙ୍କ 'ମୁଖ୍ୟମନ୍ତ୍ରୀ ପୋଖରୀ ଯୋଜନା' ଓ ଅନ୍ୟ ଯୋଜନାରେ ସେ ପ୍ରାୟ ୫ଲକ୍ଷ ଟଙ୍କାର ସରକାରୀ ରିଆତି ପାଇଛନ୍ତି। ପରେ ପରେ ନିଜ ଖର୍ଚ୍ଚରେ କୁକୁଡ଼ା ଓ ବତକ ଚାଷ ଆରମ୍ଭ କରିବା ସହ ଚିଆଁ ଫୁଟେଇବା ଲାଗି ଇନକ୍ୟୁବେଟର ମଧ୍ୟ ସ୍ଥାପନ କରିଛନ୍ତି ଚକ୍ରଧର। ଆଉ ଏବେ ୪୦ରୁ ଊର୍ଦ୍ଧ୍ୱ ଛେଳି କିଣି ଏକ ସମନ୍ୱିତ ଚାଷୀ ଭାବେ ନିଜକୁ ପ୍ରମାଣିତ କରିଛନ୍ତି। ଏହି ମିଶ୍ରିତ ଚାଷ ମାଧ୍ୟମରେ ମାସିକ ୪୦ରୁ ୫୦ ହଜାର ଟଙ୍କା ରୋଜଗାର କରିବା ସହ ୨୦୨୨-୨୩ ବର୍ଷ ଲାଗି ଜିଲ୍ଲାର ଶ୍ରେଷ୍ଠ ମତ୍ସ୍ୟ ଚାଷୀ ପୁରସ୍କାର ପାଇଛନ୍ତି ଚକ୍ରଧର। ତେବେ ଜଣେ ଶିକ୍ଷିତ ଯୁବକ ଏହିଭଳି ସମନ୍ୱିତ ଚାଷ କରି ବେଶ୍ ଭଲ ରୋଜଗାର କରିବା ସହ ଚର୍ଚ୍ଚାରେ ଥିବାବେଳେ ଅନ୍ୟମାନଙ୍କ ପାଇଁ ପାଲଟିଛନ୍ତି ଉଦାହରଣ।

## ଜଙ୍ଗଲ ନିଆଁ ପ୍ରତିରୋଧ ଓ ନିୟନ୍ତ୍ରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ



**ପାପଡ଼ାହାଣ୍ଡି,୩୧।୧(ସମିସ)**

ପାପଡ଼ାହାଣ୍ଡି ବ୍ଲକ ଚେରଚେଟା ପଞ୍ଚାୟତ ସଦର ଗ୍ରାମଠାରେ ଜଙ୍ଗଲ ନିଆଁ ପ୍ରତିରୋଧ ଏବଂ ନିୟନ୍ତ୍ରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଟାବାଲ ବନପାଳ ରିତେଶ ସୁନାଙ୍କ ନେତୃତ୍ୱରେ ଉକରିଭଟା ବନ ସୁରକ୍ଷା ସମିତିଠାରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମିତିସଭ୍ୟ, ୱାର୍ଡ ସଭ୍ୟ, ଏସ୍ଏଚଜି ମହିଳାମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବତାସର ବନପାଳ ସଦା ସାନ୍ତା, ପାତ୍ରୀ ବନପାଳ ପୂଜା ସ୍ୱାଇଁ ସଞ୍ଚାଳନ କରିଥିଲେ। ବର୍ତ୍ତମାନ ଜଙ୍ଗଲରେ ଶୁଖିଲା ପତ୍ର ଝଡ଼ିବା ଆରମ୍ଭ ହୋଇଥିବାରୁ ଜଙ୍ଗଲରେ ନିଆଁ ଯେପରି କେହି ନ ଲଗାନ୍ତି ସେଥିପ୍ରତି ସତର୍କ ହେବାକୁ ବୁଝାଇଥିଲେ। ନିଆଁ ଲାଗିବା ଦ୍ୱାରା ଜଙ୍ଗଲର ବହୁ ମୂଲ୍ୟବାନ ବୃକ୍ଷଲତା ପୋଡ଼ି ନଷ୍ଟ ହୋଇଯାଉଛି। ଜଙ୍ଗଲରେ ବାସ କରୁଥିବା ବନ୍ୟଜନ୍ତୁ ମଧ୍ୟ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଙ୍ଗଲରେ ଅସୁରକ୍ଷିତ ମନେ କରି ଗାଁମୁହାଁ ହେଉଛନ୍ତି। ତେଣୁ ଆମ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ଜଙ୍ଗଲର ଅଭିବୃଦ୍ଧି ସକାଶେ ସହଯୋଗ କରିବା ଏବଂ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ଇତ୍ୟାଦି ଆମ ଦାୟିତ୍ୱ ବୋଲି ବତାସର ବନରକ୍ଷୀ ସଦା ସାନ୍ତା ଉପସ୍ଥିତ ଥିବା ସମସ୍ତ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଗ୍ରାମବାସୀ ଏବଂ ଏସ୍ଏଚଜି ମହିଳାମାନେ ଜଙ୍ଗଲ ପଦା ପଡ଼ିଥିବା ଜାଗାରେ ନୂତନ ବନୀକରଣ କରିବାକୁ ପ୍ରସ୍ତାବ ଦେଇଥିଲେ। ଆଗାମୀ ଦିନରେ ଚେରଚେଟା ଗ୍ରାମର ଜଙ୍ଗଲରେ ପଡ଼ିଆ ଥିବା ଜାଗାରେ ନୂତନ ବନୀକରଣ କରାଯିବ ବୋଲି ବନପାଳ ସୂଚନା ଦେଇଛନ୍ତି।

## ପଞ୍ଚମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଜୟପୁର,୩୧।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରର ପୁରୁଣାଗଡ଼ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ବିଦ୍ୟାଳୟକୁ ଯିବା ପାଇଁ ମା' ଗାଳି କରିବାରୁ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ନାବାଳକ ଛାତ୍ର ବିଷ୍ଣୁ ମୁଦୁଲି (୧୧) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ପରିବାର ପକ୍ଷରୁ ପ୍ରକାଶ କରାଯାଇଛି। ମଙ୍ଗଳବାର ମା' ଚିନ୍ତାମଣି ମୁଦୁଲି ମୃତ ନାବାଳକଙ୍କୁ ବିଦ୍ୟାଳୟକୁ ଯାଇ ନ ଥିବା ନେଇ ଗାଳି କରିଥିଲେ। ଏଥିରେ ରାଗିଯାଇ ନାବାଳକ ମଙ୍ଗଳବାର ପୂର୍ବାହ୍ଣରୁ କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର ସନ୍ଧାନ ମିଳି ନ ଥିଲା। ବୁଧବାର ପୂର୍ବାହ୍ଣରେ ଏକ ନିର୍ମାଣାଧୀନ ଗୃହରୁ ନାବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ଏନେଇ ଟାଉନ ଥାନାରେ ଅଭିଯୋଗ କ୍ରମେ ଏକ ଅପମୃତ୍ୟୁ ମାମଲା (୨/୨୪) ରୁଜୁ କରାଯାଇଥିଲା। ପୁଲିସ ଶବକୁ ଜବତ କରି ସ୍ଥାନୀୟ ଜିଲ୍ଲା ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଏସ୍ଆଇ ସତ୍ୟ ନାୟକ ଏହି ମାମଲାର ତଦନ୍ତ କରୁଛନ୍ତି।

## ଶିକ୍ଷୟିତ୍ରୀଙ୍କ ଅଶ୍ଳୀଳ ଫଟୋ ଅପ୍‌ଲୋଡ୍ କରି ପୂର୍ବତନ ଛାତ୍ର ଗିରଫ

**ମାଲକାନଗିରି,୩୧।୧(ସମିସ):** ମାଲକାନଗିରି ଆଦର୍ଶ ଥାନା ଅଞ୍ଚଳରେ ଥିବା ଏକ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ନାମରେ ସୋସିଆଲ ମିଡିଆରେ ନକଲି ଆକାଉଣ୍ଟ ଖୋଲି ଅଶ୍ଳୀଳ ଫଟୋ ଅପଲୋଡ୍ କରୁଥିବା ପୂର୍ବତନ ଛାତ୍ରକୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ମାଲକାନଗିରି ସହରର ରିକ୍ଲାମେସନ କଲୋନୀର ରାହୁଲ ବିଶ୍ୱାସ (୧୯)।

ସୂଚନା ଅନୁଯାୟୀ, ମାଲକାନଗିରି ଅଞ୍ଚଳର ଏକ ବିଦ୍ୟାଳୟରେ ଅଭିଯୁକ୍ତ ଜଣକ ପଢୁଥିବା ସମୟରେ ସେଠାରେ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ସେହି ସମୟରେ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଦୁଇ ଜଣଙ୍କୁ ବୁଝାସୁଝା କରିବା ସହ ପାଠପଢ଼ାରେ ଧ୍ୟାନ ଦେବାପାଇଁ ପରାମର୍ଶ ଦେଇଥିଲେ। ଯୁବକ ଜଣକ ବର୍ତ୍ତମାନ ବିଦ୍ୟାଳୟରେ ପଢୁ ନ ଥିବାବେଳେ ଗତ କିଛି ଦିନ ତଳେ ସେହି ଶିକ୍ଷୟିତ୍ରୀଙ୍କ ଫଟୋକୁ ବ୍ୟବହାର କରି ଇନଷ୍ଟାଗ୍ରାମରେ ନକଲି ଆଇଡି ତିଆରି କରିଥିଲେ। ସେଥିରେ ଶିକ୍ଷୟିତ୍ରୀଙ୍କ ଫଟୋକୁ ଏଆଇ ମାଧ୍ୟମରେ ଏଡିଟ୍ କରି ଅଶ୍ଳୀଳ ଫଟୋ ତିଆରି କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଶିକ୍ଷୟତ୍ରୀଙ୍କ ସହିତ ବିଦ୍ୟାଳୟର ଅନ୍ୟ ଛାତ୍ରୀମାନଙ୍କର ମଧ୍ୟ ସେଭଳି ଅଶ୍ଳୀଳ ଫଟୋ ତିଆରି କରି ସେହି ଆଇଡିରେ ଛାଡ଼ିଥିଲେ। ଏଭଳି ଭାବରେ ନକଲି ଆଇଡିରୁ ଅଶ୍ଳୀଳ ଫଟୋ ଦେଖିବା ପରେ ଶିକ୍ଷୟିତ୍ରୀ ଜଣକ ମାଲକାନଗିରି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୁଲିସ ଥାନାରେ ୧୯/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଏହି ମାମଲାର ଅଭିଯୁକ୍ତ ରାହୁଲଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି।

## ନବରଙ୍ଗପୁର ବିଧାୟକଙ୍କ ମାତୃ ବିୟୋଗ

**ତେନ୍ତୁଲିଖୁଣ୍ଟି,୩୧।୧(ସମିସ)**



ନବରଙ୍ଗପୁର ଜିଲ୍ଲାର ପ୍ରଥମ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସ୍ୱର୍ଗତ ଗୋପୀନାଥ ପ୍ରଧାନୀଙ୍କ ସହଧର୍ମିଣୀ ତଥା ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ମାତା ଚଞ୍ଚଳା ପ୍ରଧାନୀଙ୍କ ମଙ୍ଗଳବାର ରାତି ସାଢ଼େ ୨ଟା ସମୟରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିବାବେଳେ ବାର୍ଦ୍ଧକ୍ୟଜନିତ କାରଣରୁ ସେ ଅସୁସ୍ଥତା ଅନୁଭବ କରୁଥିଲେ। କୋରାପୁଟ ସ୍ଥିତ ଡାକ୍ତରଖାନାରେ ତାଙ୍କ ଚିକିତ୍ସା ଚାଲିଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ମୃତ ଚଞ୍ଚଳା ଜଣେ ଅମାୟିକ, ଶାନ୍ତ ଓ ସରଳ ସ୍ୱଭାବର ମହିଳା ଥିଲେ। ତାଙ୍କ ବିୟୋଗରେ ତେନ୍ତୁଲିଖୁଣ୍ଟି ବ୍ଲକ୍ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନବରଙ୍ଗପୁର ଜିଲ୍ଲା ବିଜେଡି ସଭାନେତ୍ରୀ ମଞ୍ଜୁଳା ମାଝୀ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ତେନ୍ତୁଲିଖୁଣ୍ଟି ବ୍ଲକ୍ ବିଜେଡି ସଭାପତି ପ୍ରଫୁଲ୍ଲ ନାଗ, ଡାବୁଗାଁ ପୂର୍ବତନ ବିଧାୟକ ତଥା ଜିଲ୍ଲା କଂଗ୍ରେସ ସଭାପତି ଭୁଜବଳ ମାଝୀ, ସୁନୀଲ ସାହୁ, ଦୟା ବିଷୋୟୀ, ସୁଧୀର ଖୁରା, ପିଙ୍କୁ ସାହୁ, ବ୍ଲକ କଂଗ୍ରେସ ସଭାପତି ପ୍ରହଲ୍ଲାଦ ହିଆଲ, ଭୀମସେନ ପାଣିଗ୍ରାହୀ, ଟୁନାବାବୁ ଷଡ଼ଙ୍ଗୀଙ୍କ ସମେତ ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ମୃତ ଚଞ୍ଚଳାଙ୍କ ଶେଷ ଦର୍ଶନ କରି ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବୁଧବାର ନିଜ ଗ୍ରାମ ପାତ୍ରପୁଟ ସ୍ଥିତ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ହୋଇଥିବାବେଳେ ପୁଅ ସଦାଶିବ ପ୍ରଧାନୀ ମୁଖାଗ୍ନି ଦେଇଥିଲେ।

## ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ



**କୋଷାଗୁମୁଡ଼ା,୩୧।୧(ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର କୋଡ଼ିଙ୍ଗା ସ୍ଥିତ ରାଜଚଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବୁଧବାର ଛାତ୍ରୀଙ୍କ ଆତ୍ମ ସୁରକ୍ଷା କୌଶଳ ତାଲିମ ଶିବିର ଉଦଯାପିତ ହୋଇଯାଇଛି। ବିଗତ ୧୮ ତାରିଖରୁ ୮ ଦିନ ଧରି ଚାଲିଥିବା ଏହି ତାଲିମ ଶିବିରରେ ବିଦ୍ୟାଳୟର ସମସ୍ତ ଛାତ୍ରୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କୋଡ଼ିଙ୍ଗା ସରପଞ୍ଚ ସେବୀକା ମାଝୀ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଅମିତା ରାୟ ଯୋଗଦେଇ ସଭାପତିତ୍ୱ କରିଥିଲେ। ପ୍ରଥମ ଅତିଥିଗଣ ରାଜଚଉଁରିଆ ଠାକୁରଙ୍କ ଫଟୋଚିତ୍ରରେ ଧୂପ, ଦୀପ ଓ ପୁଷ୍ପମାଲ୍ୟ ଦେଇ ପୂଜା କରିଥିଲେ। ଏହି ସଭାରେ ଉପସ୍ଥିତ ଅତିଥିଗଣ ସମସ୍ତ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ନେବା ଜରୁରୀ ବୋଲି ବୁଝାଇଥିଲେ। ତାଲିମ ଶିବିର ସଂଯୋଜନା ଅଧିକାରୀ ଦେବକୀ ଦିଶାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ରବି ନାରାୟଣ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଭାଗ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ସହ ଆତ୍ମରକ୍ଷା କୌଶଳ ଗାଇଡ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।

## ଭଞ୍ଜ ସଂସଦ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

**ସୁନାବେଡ଼ା, ୩୧।୧(ସମିସ):**



ସୁନାବେଡ଼ା ମିଗ୍ ନଗରୀସ୍ଥିତ ଭଞ୍ଜ ସଂସଦର ୩୦ ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ସଂସଦର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ୨୦୨୪-୨୫ ବର୍ଷ ପାଇଁ ସଭାପତି ରୂପେ କାଳୁଚରଣ ବେହେରା, ବିଘ୍ନେଶ୍ୱର ମିଶ୍ର କାର୍ଯ୍ୟକାରୀ ସଭାପତି, ଡ. ଦେବଦତ୍ତ ଶତପଥି ଓ ଯୋଗେନ୍ଦ୍ର ପ୍ରଧାନ ଉପ ସଭାପତି, ବିଜୟ କୁମାର ପାତ୍ର ସାଧାରଣ ସମ୍ପାଦକ, ସୁଦାମ ଦାସ ଯୁଗ୍ମ ସମ୍ପାଦକ, ଅମର ବାଡ଼ତ୍ୟା ସାଂଗଠନିକ ସମ୍ପାଦକ, ଦୁର୍ଯ୍ୟୋଧନ ସ୍ୱାଇଁ ଓ ସନ୍ତୋଷ କୁମାର ଦଳାଇ ସହ ସମ୍ପାଦକ, ବାଣୀ ନନ୍ଦ କୋଷାଧ୍ୟକ୍ଷ, ଅମର ବେହେରା ସହ କୋଷାଧ୍ୟକ୍ଷ, ଜିତେନ୍ଦ୍ର ସେନାପତି ସାହିତ୍ୟ ସମ୍ପାଦକ, ସନ୍ତୋଷ କୁମାର ସାହୁ ସାଂସ୍କୃତିକ ସମ୍ପାଦକ, ସନ୍ଦୀପ ପଟ୍ଟନାୟକ ଓ ଶିବ ବେହେରା କ୍ରୀଡ଼ା ସମ୍ପାଦକ, ଲଳିତ କୁମାର ପୃଷ୍ଟି, ବ୍ରହ୍ମାନନ୍ଦ ଭଞ୍ଜ ସୂଚନା ଓ ଯୋଗାଯୋଗ ସମ୍ପାଦକ, ସୁରେଶ ଲେଙ୍କା, ସଞ୍ଜୟ କୁମାର ନାୟକ ସେବା ଓ ପରିବେଶ ସମ୍ପାଦକ ଭାବେ ମନୋନୀତ ହୋଇ ଶପଥ ଗ୍ରହଣ କରିଛନ୍ତି। ମୁଖ୍ୟଅତିଥି ଭାବେ ମିନାକ୍ଷୀ ବାହିନୀପତି ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ସଂସଦର ସଭାପତି ଲକ୍ଷ୍ମୀନାରାୟଣ ଗୌଡ଼, କର୍ମକର୍ତ୍ତା ଚୟନ କମିଟିର ସଦସ୍ୟ ଶେଖ ଇବ୍ରାହିମ, ଭଗବାନ ସ୍ୱାଇଁ, ପ୍ରଦୀପ କୁମାର ପଟ୍ଟନାୟକ, ଅରୁଣ କୁମାର ପଣ୍ଡା ଏବଂ ଅନ୍ୟାନ୍ୟ ବରିଷ୍ଠ ସଦସ୍ୟ ଉପସ୍ଥିତ ରହି ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

### ୧୪ ଦିନରେ ପ୍ରାଣୀ ଚିକିତ୍ସା ସେବା ସଂଘର ଆନ୍ଦୋଳନ

# ମୃତ୍ୟୁମୁଖରେ ପଡୁଛନ୍ତି ଅନେକ ପ୍ରାଣୀ



**ମାଲକାନଗିରି,୩୧।୧(ସମିସ):**

୪ ଦଫା ଦାବି ନେଇ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘର ଡକରା କ୍ରମେ ମାଲକାନଗିରି ଜିଲ୍ଲାର ପ୍ରାଣୀ ଚିକିତ୍ସକମାନଙ୍କ ଆନ୍ଦୋଳନ ଯୋଗୁଁ ରୋଗରେ ଛଟପଟ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି ଅନେକ ପ୍ରାଣୀ। ସମୂହ ଛୁଟି ଆନ୍ଦୋଳନ ୧୪ ଦିନରେ ପହଞ୍ଚିଛି। ତେବେ ଏହି ସମୂହ ଛୁଟି ନିଷ୍ପତ୍ତି ଯୋଗୁଁ ପ୍ରାଣୀଙ୍କ ଚିକିତ୍ସା ଗତ ୧୪ ଦିନ ଧରି ବନ୍ଦ ରହିଛି। ଫଳରେ ମାଲକାନଗିରି ସହର ସମେତ ଜିଲ୍ଲାର ଗ୍ରାମାଞ୍ଚଳର ବହୁ ପ୍ରାଣୀ ଚିକିତ୍ସା ଅଭାବରୁ ଛଟପଟ ହୋଇ ମୃତ୍ୟୁବରଣ କରୁଛନ୍ତି। ସହରର ସମାଜସେବୀମାନେ ବୁଧବାର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଭେଟି ଏହାର ସମାଧାନ ପାଇଁ ଅନୁରୋଧ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ବୁଧବାର ଚିକିତ୍ସା ଅଭାବରୁ ଗୋଟିଏ ବାଛୁରୀର ମୃତ୍ୟୁ ହୋଇଥିବାବେଳେ ଏକ ଛେଳି ଗତ ୩ ଦିନ ଧରି ଛଟପଟ ହେଉଥିବା ଦେଖାଯାଇଛି। ଛେଳିର ଚିକିତ୍ସା କରାଯାଉ ନ ଥିବାରୁ ପ୍ରାଣୀ ମାଲିକ ଅସନ୍ତୋଷ ପ୍ରକାଶ କରିବା ସହ ସରକାର ଏଥିପ୍ରତି ଧ୍ୟାନ ଦେବାକୁ ଦାବି କରିଛନ୍ତି। ଅନ୍ୟ ପକ୍ଷରେ ଏକ ପ୍ରତିନିଧି ଦଳ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଭେଟି ଏହାର ସମାଧାନର ବାଟ ବାହାର କରିବାକୁ ଦାବି କରିଛନ୍ତି। ଏଥିସହ ନୂତନ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଜିଲ୍ଲାପାଳ ୩ ଦିନ ମଧ୍ୟରେ ଏହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରାଣୀଙ୍କ ମୃତ୍ୟୁକୁ ଆନ୍ଦୋଳନରତ ପ୍ରାଣୀ ଚିକିତ୍ସକ ଦୁଃଖ ପ୍ରକାଶ କରିବା ସହ ସରକାର ଦାବି ପ୍ରତି ଦୃଷ୍ଟି ଦେଲେ କାର୍ଯ୍ୟରେ ଯୋଗଦେବୁ ବୋଲି କହିଛନ୍ତି।

## ଜିଲ୍ଲାରେ ପ୍ରାଣୀ ଚିକିତ୍ସା ସେବା ବିପର୍ଯ୍ୟସ୍ତ

**ରାୟଗଡ଼ା,୩୧।୧(ସମିସ):** ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ର ଆହ୍ୱାନ କ୍ରମେ ୪ ଦଫା ଦାବି ନେଇ ରାୟଗଡ଼ା ଜିଲ୍ଲାର ପ୍ରାଣୀ ଚିକିତ୍ସକମାନେ ଗତ ୧୮ ତାରିଖଠାରୁ ସମୂହ ଛୁଟି ନେଇ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଫଳରେ ଜିଲ୍ଲାର ପ୍ରାଣୀ ଚିକିତ୍ସା ସେବାରେ ବ୍ୟାଘାତ ସୃଷ୍ଟି ହୋଇଛି। ପ୍ରାଣୀ ଚିକିତ୍ସା ସେବା ସହିତ ଗାଈ, ମଇଁଷି, ଛେଳି, କୁକୁଡ଼ା, ବତକ ଓ ଘୁଷୁରୀ ଫାର୍ମ କରୁଥିବା ଚାଷୀ ଭାଇମାନେ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସରକାରଙ୍କ ଯୋଜନାରେ ରିଆତି ଟଙ୍କା ପାଇବାରୁ ବଞ୍ଚିତ ହେଉଛନ୍ତି। ଆଜକୁ ଦୀର୍ଘ ୧୪ ଦିନ ହେଲା ଦୁର୍ଗମ ଅଞ୍ଚଳର ଲୋକମାନେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି। ଯାହା ଫଳରେ ଜନଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସରକାର ପ୍ରାଣୀ ଚିକିତ୍ସକମାନଙ୍କର ଦାବିଗୁଡ଼ିକ ଯଥା- ପ୍ରାଣୀ ସମ୍ପଦ ବିକାଶ ବିଭାଗର ସମ୍ପୂର୍ଣ୍ଣ ରୂପାନ୍ତରୀକରଣ, ପ୍ରାଣୀ ଚିକିତ୍ସକମାନଙ୍କର କ୍ୟାଡର ପୁନର୍ଗଠନ, ନିଃଶୁଳ୍କ ପ୍ରାଣୀ ଚିକିତ୍ସା ସେବା ଓ କେନ୍ଦ୍ରୀୟ ହାରରେ ପ୍ରାଣୀ ଚିକିତ୍ସକମାନଙ୍କୁ ଡିଏସିପି ଓ ଏନପିଏ ପ୍ରଦାନ ଉପରେ ଆଲୋଚନା କରି ଉଚିତ୍ ପଦକ୍ଷେପ ନେବା ସହିତ ପ୍ରାଣୀ ଚିକିତ୍ସା ସେବାକୁ ନିରନ୍ତର କରିବା ଦିଗରେ ଯଦି କୌଣସି ପଦକ୍ଷେପ ନ ନିଅନ୍ତି ତାହେଲେ ଆଗାମୀ ଦିନରେ ପ୍ରାଣୀପାଳକମାନେ ବହୁତ କ୍ଷତିଗ୍ରସ୍ତ ହେବେ। କୌଣସି ବିଧିବଦ୍ଧ ସରକାରୀ ବିଜ୍ଞପ୍ତି ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ପ୍ରାଣୀ ଚିକିତ୍ସକମାନେ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ଜିଲ୍ଲା ସଂଘ ତରଫରୁ ସ୍ପଷ୍ଟ କରି ଦିଆଯାଇଛି। ଗତ ୨୭ ତାରିଖ ଦିନ ଜିଲ୍ଲାର ଏକ ପ୍ରତିନିଧି ଦଳ ବିଧାୟକଙ୍କୁ ସାକ୍ଷାତ କରି ଉକ୍ତ ଦାବିଗୁଡ଼ିକ ବିଷୟରେ ଅବଗତ କରାଇବା ସହିତ ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିବା ପାଇଁ ଅନୁରୋଧ କରିଥିଲେ। ପ୍ରାଣୀ ଚିକିତ୍ସକଙ୍କ ସମୂହ ଛୁଟି ଯୋଗୁଁ ଗୋ-ପ୍ରେମୀ, ସରକାରୀ ଅନୁଦାନପ୍ରାପ୍ତ ଗୋଶାଳା, ବୁଦ୍ଧିଜୀବୀ ଓ ସମାଜସେବୀମାନଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ତେଣୁ ସରକାର ଏ ଦିଗରେ ଶୀଘ୍ର ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।



## ସୋସିଆଲ ଅଡିଟ୍ ନିମିତ୍ତ ସମନ୍ୱୟ ବୈଠକ



**କୋରାପୁଟ,୩୧।୧(ସମିସ):** ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କୋରାପୁଟ ବ୍ଲକସ୍ତରୀୟ ସୋସିଆଲ ଅଡିଟ୍ ନିମିତ୍ତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଶିକ୍ଷା ଅଭିଯାନ ଅନ୍ତର୍ଗତ ସୋସିଆଲ ଅଡିଟ୍ କିପରି କରାଯିବ ସେ ସମ୍ପର୍କରେ ଡିଏସଏ ଅନିଲ କୁମାର ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ସମସ୍ତ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ବିଇଓ ଶ୍ରୀକାନ୍ତ ଜାନୀ, ବିଏସଏ ସୁକାନ୍ତ ଖିଲ ଓ ଏବିଇଓ ଶିବପ୍ରସାଦ ରଥ ଉପସ୍ଥିତ ଥିଲେ। କୋରାପୁଟ ବ୍ଲକ ଅନ୍ତର୍ଗତ ୩୨ଟି ସ୍କୁଲର ପ୍ରଧାନଶିକ୍ଷକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ତୁଳସୀ ଚଉଁରା ମଣ୍ଡପ ପ୍ରତିଷ୍ଠା ଉତ୍ସବ

**ଗୁଡ଼ାରୀ,୩୧।୧(ସମିସ):** ସନାତନ ଧର୍ମରେ ତୁଳସୀ ପୂଜାକୁ ଅଗ୍ରାଧିକାରୀ ଦିଆଯାଇଛି। ପ୍ରତ୍ୟେକ ସଧବା ନାରୀ ପ୍ରାତଃ ତୁଳସୀ ଚଉଁରାରେ ପାଣି ଢାଳିଲେ ପରିବାରରେ ଶାନ୍ତି ଏବଂ ସୁଖ ସମୃଦ୍ଧି ବଢ଼େ ବୋଲି ପୁରାଣରେ ବର୍ଣ୍ଣିତ ଅଛି। ଏଣୁ ଗୁଡ଼ାରୀ ଗୌଡ଼ ସାହିରେ ନୂତନ ତୁଳସୀ ଚଉଁରା ନିର୍ମିତ କରାଯାଇ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ମା' ବୃନ୍ଦାବତୀଙ୍କ ସୁନ୍ଦର ମୂର୍ତ୍ତି ସାଙ୍ଗକୁ ମସ୍ତକରେ ତୁଳସୀ ବୃକ୍ଷକୁ ସ୍ଥାପନ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ମା'ଙ୍କ କଳସ ଯାତ୍ରାରେ ସାହିର ମହିଳାମାନେ ନୂତନ ବର୍ଷ ପରିଧାନ କରି ବଂଶଧାରା ନଦୀରୁ ଜଳ ଆଣି ମା'ଙ୍କ ପାଖରେ ସ୍ଥାପନ କରିଥିଲେ। ମଣ୍ଡପରେ ପ୍ରଥମେ ମା' ବୃନ୍ଦାବତୀଙ୍କ ଚକ୍ଷୁଦାନ ଦେବାପରେ ହୋମଯଜ୍ଞ, ଧୂପ, ଦୀପ ଦେବା ସହ ଚାରିପ୍ରହର ନାମଯଜ୍ଞ ଆରମ୍ଭ କରାଯାଇଥିଲା। ହୋମଯଜ୍ଞ ପରେ ନଗରବାସୀଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାହିର କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

# ଅଟୋ-ପିକ୍‌ଅପ୍ ଭ୍ୟାନ୍ ଧକ୍କା; ୧୦ ଆହତ

**ଜୟପୁର,୩୧ା୧(ସମିସ)**



କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଆମ୍ବାଗୁଡ଼ା ଗ୍ରାମ ନିକଟରେ ୨୬ ନମ୍ବର ଜାତୀୟ ରାଜପଥରେ ଏକ ଅଟୋକୁ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେଇଥିଲା । ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଅଟୋଟି ରାସ୍ତାରେ ଓଲଟି ପଡ଼ିଥିଲା । ଫଳରେ ଅଟୋ ଚାଳକଙ୍କ ସମେତ ୧୦ ଜଣ ଆହତ ହୋଇଥିବାବେଳେ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ସମସ୍ତ ଗୁରୁତର ଓ ଆହତଙ୍କୁ ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୫ଟି ଆମ୍ବୁଲାନ୍ସ ଯୋଗେ ଅଣାଯାଇ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବା ୫ ଜଣଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ଆହତମାନେ କୋରାପୁଟ ଜିଲ୍ଲାର ସୁନାବେଡ଼ା ଡିପି କ୍ୟାମ୍ପର ଧନଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଏବଂ ସେମାନେ ଆମ୍ବାଗୁଡ଼ାର ବିଜେ-୨ ଗ୍ରାମକୁ ଏକ ଭୋଜି ଘରକୁ କ୍ୟାଟରିଂ ପାଇଁ ଆସିଥିଲେ ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, ସୁନାବେଡ଼ାର ଏହି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଦୁଇଟି ଅଟୋରେ ଆମ୍ବାଗୁଡ଼ା ନିକଟସ୍ଥ ବିଜେ-୨ ନିବାସୀ ସପନ ଦାସଙ୍କ ଝିଅ ବାହାଘର ଭୋଜିରେ ଖାଦ୍ୟ ବଢ଼ାବଢ଼ି ପାଇଁ ଯାଉଥିଲେ । ଦୁଇଟି ଅଟୋ ମଧ୍ୟରୁ ସଞ୍ଜିତ ଶିଲ ଚଳାଉଥିବା ଅଟୋ(ଓଡି-୧୦-ଡି୬୦୭୨) ଆମ୍ବାଗୁଡ଼ା ଛକରୁ ବିଜେ-୨ ଯିବାକୁ ବୁଲାଣି ପାଖରେ ପହଞ୍ଚିବାବେଳେ ବୋରିଗୁମ୍ମାରୁ ଜୟପୁର ପଟେ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍(ସିଜି-୧୭-କେୱାଇ ୯୯୧୯) ସମ୍ମୁଖ ପଟରୁ ଧକ୍କା ଦେଇଥିଲା । ଫଳରେ ଅଟୋଟି ଓଲଟି ପଡ଼ିଥିଲା । ସେଥିରେ ବସିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଲକ୍ଷ୍ମୀ ମିସ୍ତ୍ରୀ(୫୦), ଭାନୁମତୀ ମଣ୍ଡଳ(୫୪), ଦୀପାଳି ଦତ୍ତ(୪୯), ନିତୁଲ ରାୟ(୫୦), ଜ୍ୟୋତି ଚନ୍ଦ୍ର(୫୫), ସୁମିତ୍ର ମଣ୍ଡଳ(୩୮)ଙ୍କ ସମେତ ଚାଳକ ସଞ୍ଜୀତ ଓ ତାଙ୍କ ପୁଅ ସୁଭ୍ରଜିତ ଶିଲ(୧୨) ଆହତ ହୋଇଥିଲେ । ଘଟଣା ପରେ ସ୍ଥାନୀୟ ଲୋକ ଏବଂ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସକୁ ସୂଚନା ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାୟକୁ ସ୍ଥାନାନ୍ତର କରିଥିଲେ । ଘଟଣାସ୍ଥଳରେ ଆମ୍ବାଗୁଡ଼ା ଫାଣ୍ଡି ଓ ସଦର ଥାନା ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡୀ ସୂଚନା ଦେଇଛନ୍ତି ।

● କନଷ୍ଟେବଲ ଓ ହାବିଲଦାର ସଂଘ ନିର୍ବାଚନ

## ଗିରିଜା ଶଙ୍କର ସଭାପତି, ନକୁଳ ସାଧାରଣ ସମ୍ପାଦକ



**କୋରାପୁଟ,୩୧ା୧(ସମିସ)**

କୋରାପୁଟ ଜିଲ୍ଲା ପୁଲିସ ଓ ହାବିଲଦାର ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଏସପି ଅଭିନବ ସୋନକାରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ହାବିଲଦାର ଗିରିଜା ଶଙ୍କର ନାୟକ ସଭାପତି ଏବଂ ହାବିଲଦାର ନକୁଳ ସୁନା ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ବିଜୟୀ ଗିରିଜା ଶଙ୍କର ନାୟକ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହାବିଲଦାର ଜଗନ୍ନାଥ ବେହେରାଙ୍କଠାରୁ ଅଧିକ ୨୨୯ ଖଣ୍ଡ ଭୋଟ୍ ପାଇ ନିର୍ବାଚିତ ହୋଇଥିବାବେଳେ ନକୁଳ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କନଷ୍ଟେବଳ ସର୍ବେଶ୍ୱର ବେହେରାଙ୍କଠାରୁ ଅଧିକ ୧୯୭ ଖଣ୍ଡ ଭୋଟ୍ ପାଇ ନିର୍ବାଚିତ ହୋଇଥିବା ଜଣାପଡ଼ିଛି । ସେହିପରି ଧନେଶ୍ୱର ମୁଦୁଲି ଉପସଭାପତି, ଶୁଭ୍ରାଂଶୁ ଗୌଡ଼ ଏବଂ ରାଜ କିଶୋର ସଗର ଯୁଗ୍ମସମ୍ପାଦକ ଓ ଗୌରାଙ୍ଗ ଚେଟ୍ଟୀ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବାବେଳେ କନଷ୍ଟେବଳ ଆରାମ ପାତ୍ର କୁଳଦୀପ, ସଞ୍ଜୀବ କୁମାର ବିଷୋୟୀ, ଡମ୍ବରୁ ହନ୍ତାଳ, ରେଶୁ ଶିବ ଶଙ୍କର, ସୋମନାଥ ହରିଜନ ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି । ବିଜୟୀ ସମସ୍ତ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଏସପି ଅଭିନବ ସୋନକାର, କୋରାପୁଟ ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଯୁବ ଆଇନଜୀବୀ କାମାକ୍ଷୀ ପ୍ରସାଦ ମାଝି ଓ ଅନ୍ୟାନ୍ୟ ପୁଲିସ ଅଧିକାରୀ ଅଭିନନ୍ଦନ ଜଣାଇଛନ୍ତି ।

## ନୂତନ ଜିଲ୍ଲାପାଳଙ୍କ ଜିଲ୍ଲା ଚିକିତ୍ସାଳୟ ପରିଦର୍ଶନ




**ଜୟପୁର,୩୧ା୧(ସମିସ)**

କୋରାପୁଟ ଜିଲ୍ଲା ମୁଖ୍ୟାଳୟରେ ନୂତନ ଜିଲ୍ଲାପାଳ ଭାବେ ଭି.କୀର୍ତ୍ତି ଭାସନ କାର୍ଯ୍ୟଭାର ଗ୍ରହଣ କରିବା ପରେ ବୁଧବାର ସନ୍ଧ୍ୟାରେ ଜୟପୁର ସ୍ଥିତ ଜିଲ୍ଲା ଚିକିତ୍ସାଳୟକୁ ଗସ୍ତ କରିବା ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଭାସନ୍ ଚିକିତ୍ସାଳୟର ବିଭିନ୍ନ ରୋଗୀ ୱାର୍ଡ ବୁଲି ଦେଖିଥିଲେ । ରୋଗୀମାନଙ୍କୁ ସେମାନଙ୍କ ଉପଯୁକ୍ତ ଚିକିତ୍ସାକୁ ନେଇ ପଚାରି ବୁଝିଥିଲେ । ଏହି ଅବସରରେ ଜିଲ୍ଲା ଚିକିତ୍ସାଳୟ ପରିସରରେ ରହିଥିବା ନବଜାତ ଶିଶୁ ୱାର୍ଡ (ଏସ୍‌ଏନସିୟୁ), ଏକ୍ସ-ରେ ଏବଂ ଅନ୍ୟାନ୍ୟ ଯନ୍ତ୍ରପାତି କକ୍ଷ ବୁଲି ଦେଖିଥିଲେ । ଜିଲ୍ଲା ଚିକିତ୍ସାଳୟରେ ଆବଶ୍ୟକତା ରହିଥିବା ମେସିନ ସାମଗ୍ରୀ ଏବଂ ଅନ୍ୟାନ୍ୟ ବିଷୟ ନେଇ ଉପସ୍ଥିତ ଜିଲ୍ଲା ଚିକିତ୍ସାଧିକାରୀ ଡା. କାହ୍ନୁ ଚରଣ ପାତ୍ରଙ୍କୁ ପଚାରି ବୁଝିଥିଲେ । ସେହିପରି ଚିକିତ୍ସାଳୟର ବିଭିନ୍ନ ୱାର୍ଡରେ ମରାମତି ଏବଂ ନୂତନ ଆବଶ୍ୟକ କକ୍ଷଗୁଡ଼ିକ ଏବଂ ନୂତନ ଜିଲ୍ଲା ଚିକିତ୍ସାଳୟ ଭବନକୁ ନେଇ ନିର୍ମାଣକାରୀ ସଂସ୍ଥା ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ କ୍ଷୀରଧର ଖଣ୍ଡପାଣିଙ୍କ ସହିତ ଆଲୋଚନା କରିଥିଲେ । ଏହି ଅବସରରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅରୁଣ ପାଢ଼ୀ, ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ଚିକିତ୍ସାଳୟ ଭାରପ୍ରାପ୍ତ ଅଧୀକ୍ଷକ ଡା. ଦିଲ୍ଲୀପ ବିଶ୍ୱାଳ, ଡିପିଏମ୍ ଶୁଭକାନ୍ତ ଗନ୍ତାୟତ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ବେହେରା, ଏନ୍‌ଆରଏଚ୍‌ଏମର ସହକାରୀ ଯନ୍ତ୍ରୀ ବିଶ୍ୱ ରଞ୍ଜନ ଷଡ଼ଙ୍ଗୀ, ଜିଲ୍ଲା ଚିକିତ୍ସାଳୟ ମ୍ୟାନେଜର ରୂପସୀ ମଧୁମିତା ନାୟକ ଏବଂ ତଥାଗତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ କୁମାରଙ୍କ ବଦଳି



**ନନ୍ଦପୁର,୩୧ା୧(ସମିସ):** ନନ୍ଦପୁର ପୁଲିସ ଉପଖଣ୍ଡ ଅଧିକାରୀ(ଏସଡିପିଓ) ସଞ୍ଜୟ କୁମାର ମହାପାତ୍ରଙ୍କ ବଦଳି ହୋଇଛି । ଜଣେ ଜନପ୍ରିୟ ପୁଲିସ ଅଧିକାରୀଙ୍କ ବଦଳି ଖବର ପ୍ରସାରିତ ହେବା ପରେ ନନ୍ଦପୁର ଉପଖଣ୍ଡ ଜନତା ଦୁଃଖ ପ୍ରକାଶ କରିଛନ୍ତି । ନିର୍ବାଚନ ପ୍ରକ୍ରିୟାରେ ତିନିବର୍ଷର କାର୍ଯ୍ୟକ୍ଷେତ୍ରକୁ ବିଚାରକୁ ନେଇ ରାଜ୍ୟ ପୁଲିସ ବିଭାଗର ତରଫରୁ ୧୦୩ ଜଣ ଡିଏସପି ପାହ୍ୟାର ଅଧିକାରୀଙ୍କୁ ବଦଳି କରାଯାଇଛି । ଏହି ପରିପ୍ରେକ୍ଷୀରେ ଶ୍ରୀ ମହାପାତ୍ରଙ୍କୁ ଆସିକା ଏସଡିପିଓ ଭାବେ ବଦଳି କରାଯାଇଛି । କୋରାପୁଟ ଆଇଏଏଚଟିୟୁ ଡିଏସପି ଦାୟିତ୍ୱରେ ଥିବା ଓପିଏସ୍ ଅଧିକାରୀ ସମ୍ବିତ କୁମାର ମାଝିଙ୍କୁ ନନ୍ଦପୁର ଉପଖଣ୍ଡ ପୁଲିସ ଅଧିକାରୀ ଭାବେ ବଦଳି କରାଯାଇଥିବା ଜଣାପଡ଼ିଛି । ଶ୍ରୀ ମହାପାତ୍ର ଗତ ଅଗଷ୍ଟ ୩୧ ତାରିଖରେ ନନ୍ଦପୁର ଉପଖଣ୍ଡ ପୁଲିସ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ । ଗଞ୍ଜେଇ ଧରପଗଡ଼, ଏଟିଏମ୍ ଲୁଟେରା, ହତ୍ୟା ଚୋରି, ଅପରାଧିକ ମାମଲାରେ ପୁଲିସକୁ ସଫଳତା ମିଳିଥିଲା । ଜଣେ ମେଳାପି. ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତିଭାବେ ଶ୍ରୀ ମହାପାତ୍ର ସବୁରି ପ୍ରିୟ ଥିଲେ । ଛୋଟ ବଡ଼ ସମସ୍ତଙ୍କ ସହ ମିଶିବା, ଶୁଭ ଅଶୁଭ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକଙ୍କ ନିକଟତର ହୋଇଥିଲେ । ତେଣୁ ବଦଳି ଖବର ଶୁଣି ନନ୍ଦପୁର ପାଡୁଆ ଓ ମାଛକୁଣ୍ଡ ଥାନା ଅଞ୍ଚଳର ବାସିନ୍ଦା ଦୁଃଖ ପ୍ରକାଶ କରିଛନ୍ତି । ଚାକିରି ଜୀବନରେ ବଦଳି ଏକ ପ୍ରକ୍ରିୟା ଯାହାକୁ ସମସ୍ତେ ମାନିବାକୁ ପଡ଼ିବ, କିନ୍ତୁ ନନ୍ଦପୁରବାସୀଙ୍କଠାରୁ ପାଇଥିବା ସ୍ନେହ, ଶ୍ରଦ୍ଧା ସବୁବେଳେ ମନେ ରହିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

## କଳିଙ୍ଗ ଆଲୁମିନା ପକ୍ଷରୁ କମ୍ବଳ, ସ୍କୁଲ୍ ବ୍ୟାଗ୍ ଓ ପାଠ୍ୟ ଉପକରଣ ବଣ୍ଟନ



**ନନ୍ଦପୁର,୩୧ା୧(ସମିସ)**

କଳିଙ୍ଗ ଆଲୁମିନା ଲିମିଟେଡ୍ କମ୍ପାନୀ ପକ୍ଷରୁ ବୁଧବାର ନନ୍ଦପୁର ବ୍ଲକର ପାଞ୍ଚଖଣ୍ଡ ଗାଁର ପାରିପାର୍ଶ୍ୱିକ ଉନ୍ନତି ପାଇଁ ପଦକ୍ଷେପ ଆରମ୍ଭ ହୋଇଛି । ଗତ ମାସରେ ବାଡେଲ ଗ୍ରାମ ପଞ୍ଚାୟତର କିତବା ଗ୍ରାମରୁ ଏହି ଅଭିଯାନ ଆରମ୍ଭ କରିଥିବାବେଳେ ବୁଧବାର ପାଞ୍ଚଖଣ୍ଡ ଗାଁର ବୁଢ଼ାବୁଢ଼ୀମାନଙ୍କୁ ଶୀତରୁ ରକ୍ଷା ପାଇଁ କମ୍ବଳ ବଣ୍ଟନ କରିବା ସହ ଭେଜା ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ୍ ବ୍ୟାଗ୍ ସହ ପାଠ୍ୟ ଉପକରଣ ପ୍ରଦାନ କରିଛନ୍ତି । ତତ୍ ସହିତ ଅନ୍ୟ ଅଞ୍ଚଳ ସ୍କୁଲମାନଙ୍କରେ ମଧ୍ୟ ଏପରି ସ୍କୁଲ୍ ବ୍ୟାଗ୍ ସହ ପାଠ୍ୟ ଉପରଣ ବଣ୍ଟନ କରାଯିବ । କମ୍ପାନୀ ତା'ର କାର୍ଯ୍ୟ ପରିସୀମାରେ ଆସୁଥିବା ସମସ୍ତ ଗ୍ରାମ ପଞ୍ଚାୟତ ଓ ଗ୍ରାମଗୁଡ଼ିକରେ ଉନ୍ନୟନ କାର୍ଯ୍ୟ କରିବ ବୋଲି କହିବା ସହ ବର୍ତ୍ତମାନ ଶୀତ ଲହରୀ ଚାଲିଥିବାବେଳେ ବୁଢ଼ାବୁଢ଼ୀମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରିଛନ୍ତି । ଭେଜା ସ୍କୁଲର ପାଖାପାଖି ୧୮୦ ଜଣ ଛାତ୍ରଛାତ୍ରୀଙ୍କୁ ସ୍କୁଲ୍ ବ୍ୟାଗ୍ ଓ ପାଠ୍ୟ ଉପକରଣ ପ୍ରଦାନ କରିଛନ୍ତି । କଳିଙ୍ଗ ଆଲୁମିନା ଲିମିଟେଡ୍ କମ୍ପାନୀର ଏହି କାର୍ଯ୍ୟକ୍ରମକୁ ନେଇ ଖୁସିବ୍ୟକ୍ତ କରିଛନ୍ତି ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଅନୁରୂପା ମିରିଧା । ପ୍ରଥମ ଥର ସ୍କୁଲର ପ୍ରାୟ ୧୮୦ ଜଣ ଛାତ୍ରଛାତ୍ରୀଙ୍କୁ ସ୍କୁଲ୍ ବ୍ୟାଗ୍ ସହ ପାଠ୍ୟ ଉପକରଣ ପ୍ରଦାନ ନେଇ ଖୁସିବ୍ୟକ୍ତ କରିଛନ୍ତି ଛାତ୍ରଛାତ୍ରୀମାନେ । ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ଦୀପକ କୁମାର ମହାପାତ୍ର, ଶିକ୍ଷୟିତ୍ରୀ ସ୍ମୃତିରେଖା ସାହୁ, ମାଳୟରଞ୍ଜ ଜେନା, କିଶୋର କୁମାର ଖରା, କିଶୋର ଚନ୍ଦ୍ର ରାଉତ, ଚାରୁଲତା ସୀସା, ସସ୍ମିତା ଦଳାଇ, ନିଳାବତି ହନ୍ତାଳ ପ୍ରମୁଖ ଯୋଗଦେଇଥିଲେ ।

## ରେଳ ଧାରଣାରେ କଟି ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ

**କୋରାପୁଟ,୩୧ା୧(ସମିସ):** କୋରାପୁଟ କୋତାବାଲସା ରେଳ ଲାଇନର ସ୍କୁକୁ ବ୍ରିଜ ନିକଟରେ ଟ୍ରେନରେ କଟି ଜଣଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ପରିଚୟ ମିଳିପାରିନାହିଁ । ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଖବର ଅନୁଯାୟୀ, ବୁଧବାର ସକାଳୁ କୋରାପୁଟ ସ୍କୁକୁ ବ୍ରିଜ ନିକଟରେ ଘଟିଛି ଏହି ଅଘଟଣ । ତଦନ୍ତ ପରେ ଏହା ହତ୍ୟା ନା ଆତ୍ମହତ୍ୟା ସ୍ପଷ୍ଟ ହେବ ବୋଲି କହିଛନ୍ତି ଜିଆରପି ପୁଲିସ ।

## ଜୟପୁର ପୌର ନିର୍ବାହୀ ଅଧିକାରୀ ଭାବେ ପୁନର୍ବାର ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ନିଯୁକ୍ତି

**ଜୟପୁର,୩୧ା୧(ସମିସ):** ଜୟପୁର ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ପୁଣି ପୂର୍ବତନ ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ନିଯୁକ୍ତ କରାଯାଇଛି । ବୁଧବାର ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଗତ ଗୁରୁବାର ସନ୍ଧ୍ୟାରେ ବିଜ୍ଞପ୍ତି ମାଧ୍ୟମରେ ତତ୍କାଳୀନ ଜୟପୁର ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଶ୍ରୀ ପଟ୍ଟନାୟକଙ୍କୁ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ବିଡିଓ ଭାବେ ବଦଳି ନେଇ ନିର୍ଦ୍ଦେଶନାମା ଜାରୀ କରାଯାଇଥିଲା । ସୋମବାର କୋରାପୁଟ ଜିଲ୍ଲାପାଳ ତାଙ୍କୁ ରିଲିଭ୍ କରିଥିବାବେଳେ ମଙ୍ଗଳବାର ଜୟପୁର ଉପଜିଲ୍ଲାପାଳଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଏହାପରେ ଶ୍ରୀ ପଟ୍ଟନାୟକ ଭଞ୍ଜନଗରରେ ନୂତନ ବିଡିଓ ଭାବେ ଯୋଗଦେଇଥିଲେ । ପୁନର୍ବାର ନାଟକୀୟ ଢଙ୍ଗରେ ଶ୍ରୀ ପଟ୍ଟନାୟକଙ୍କୁ ଜୟପୁର ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି । ପୌର ନିର୍ବାହୀ ଅଧିକାରୀ ଭାବେ ଶ୍ରୀ ପଟ୍ଟନାୟକଙ୍କ ସମୟରେ ବହୁତ ଉନ୍ନତିମୂଳକ କାର୍ଯ୍ୟ ଜୟପୁର ସହରରେ ହୋଇଥିବାବେଳେ ମାତ୍ର ୨ ବର୍ଷ ଏଠାରେ ଅବସ୍ଥାପିତ ଥିଲେ ।

## ମଡର୍ଣ୍ଣ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଜୟପୁର,୩୧ା୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ମଡର୍ଣ୍ଣ ଇଂରାଜୀ ବିଦ୍ୟାଳୟର ୩୫ତମ ବାର୍ଷିକ ଉତ୍ସବ ବୁଧବାର ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ତଥା ଭାରପ୍ରାପ୍ତ କୁଳପତି ଡ. ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ବିଦ୍ୟାଳୟର ସଫଳତାକୁ ନେଇ ବକ୍ତବ୍ୟ ମାଧ୍ୟମରେ ଖୁସି ପ୍ରକଟ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ନିର୍ଦ୍ଦେଶିକା କୁମୁଦମାଳା ମହାନ୍ତି, ପରିଚାଳନା କମିଟିର ସଭାପତି କିଶୋର ଚନ୍ଦ୍ର ହୋତା, ସମ୍ପାଦକ ନୟନ କିଶୋର ମହାନ୍ତି ଏବଂ ଅଧ୍ୟକ୍ଷା ସୁପ୍ରିୟା ପାଣିଗ୍ରାହୀ ମଞ୍ଚାସୀନ ଥିଲେ । ଏହି ଅବସରରେ ଚଳିତ ବର୍ଷ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୬ ଜଣ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଜଣେ କର୍ମଚାରୀଙ୍କୁ ମୁଖ୍ୟ ଅତିଥି ଉପଢୌକନ ପ୍ରଦାନ କରିବା ସହ ସମ୍ମାନିତ କରିଥିଲେ । ମଞ୍ଚକୁ ବରିଷ୍ଠ ଶିକ୍ଷକ ମହମ୍ମଦ ଆଜମଲ ବେଗ୍ ଏବଂ ନିରଞ୍ଜନ ପାଣିଗ୍ରାହୀ ପରିଚାଳନା କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଏବଂ ଅନ୍ୟାନ୍ୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତଥି, ଅଭିଭାବକ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

■ ଜନ୍ମ ସମୟରେ ଲିଙ୍ଗଗତ ବ୍ୟବଧାନ

## ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ମାଲକାନଗିରି



**ମାଲକାନଗିରି,୩୧ା୧(ସମିସ):** ରାଜ୍ୟ ଓ ଦେଶରେ ପରିଲକ୍ଷିତ ହେଉଥିବା ଶିଶୁକନ୍ୟା ସନ୍ତାନ ଜନ୍ମହାର ହ୍ରାସ ଏକ ଚିନ୍ତାର ବିଷୟ ପାଲଟିଛି । ଏଣୁ କନ୍ୟା ସନ୍ତାନ ସୁରକ୍ଷା ତଥା ଲିଙ୍ଗ ନିରୂପଣ ଏବଂ ଏହି ନିୟମ ଅନ୍ତର୍ଗତ ଦଣ୍ଡବିଧାନ ବିଷୟରେ ଗୋଷ୍ଠୀସ୍ତରରେ ପ୍ରଚାରପ୍ରସାର ମଧ୍ୟ କରାଯାଉଛି । ଏହି କ୍ରମରେ ୨୦୨୩ ମସିହା କନ୍ୟା ସନ୍ତାନ ଜନ୍ମ ହାରରେ ମାଲକାନଗିରି ଜିଲ୍ଲା ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଏଣୁ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବାଳୟ ଭୁବନେଶ୍ୱର (ଓଡ଼ିଶା)ଙ୍କ ଦ୍ୱାରା ଆୟୋଜିତ ସଭାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବଙ୍କ ଦ୍ୱାରା ରାଜ୍ୟସ୍ତରରେ ଜନ୍ମ ସମୟରେ ଲିଙ୍ଗଗତ ବ୍ୟବଧାନ ପରିଚାଳନା ନିମନ୍ତେ ମାଲକାନଗିରି ଜିଲ୍ଲା ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି । ଏଥି ନିମନ୍ତେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏହି ସଫଳତା ପାଇଁ ନିଜର ଖୁସିବ୍ୟକ୍ତ କରି ଶୁଭେଚ୍ଛା ଜଣାଇବା ସହ ଏହା ଜିଲ୍ଲା ପାଇଁ ଏକ ଶୁଭଙ୍କର ବିଷୟ ବୋଲି କହିଛନ୍ତି ।

## ମସ୍ତିପୁଟରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**କୋରାପୁଟ,୩୧ା୧(ସମିସ):** 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଅଧୀନରେ ମସ୍ତିପୁଟରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଆୟୋଜିତ ହୋଇଯାଇଛି । କୋରାପୁଟ ବିଡିଓ ଦେବାଶିଷ ଗୌଡ଼, ଅଧ୍ୟକ୍ଷା ନମିତା ମାଝୀ, ଜିଲ୍ଲା ପରିଷଦ ସଭ୍ୟ ରଘୁ ଜାନୀ, ସରପଞ୍ଚ ସବିତା ଦାମୀ, ସାଂସଦ ପ୍ରତିନିଧି ଗୋପୀନାଥ ପଲେଇ, ବିଧାୟକ ପ୍ରତିନିଧି ମଣ୍ଟୁ ବେନ୍ୟାଙ୍କ ଉପସ୍ଥିତିରେ ସଚେତନତା ଶିବିର ଉଦଘାଟନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ । ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଷାର କାନ୍ତି ସାମଲ ଯୋଗଦେଇ 'ମମତା' ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନ ଶକ୍ତି ମାଧ୍ୟମରେ ମହିଳା ସଶକ୍ତୀକରଣ ଓ ସ୍ୱାବଲମ୍ବୀ କାର୍ଯ୍ୟକ୍ରମ ବିଷୟରେ ମତ ରଖିଥିଲେ । ଏହି ଅବସରରେ ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ପରିମଳ, ପାନୀୟଜଳ, ମିଶନ ଶକ୍ତି ଓ ମହିଳା ସଶକ୍ତୀକରଣ, ଓଡ଼ିଶା ଜୀବିକା ମିଶନ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ସରକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ଦାସଙ୍କ ସହ କ୍ଷେତ୍ର ଅଧିକାରୀମାନେ ଉପସ୍ଥିତ ଥିଲେ । ଓଏଲ୍‌ଏମ୍ ବ୍ଲକ୍ ପ୍ରୋଗ୍ରାମ ମ୍ୟାନେଜର ସ୍ନେହଲତା ମିଶ୍ର ଯୋଗଦେଇ ପରିଚାଳନା କରିଥିବାବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୁବନ ନାୟକ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ ।

## ଚନ୍ଦନବାଡ଼ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଶ୍ରେଷ୍ଠ ଆଲୁମିନି ପୁରସ୍କାର

**ଜୟପୁର,୩୧ା୧(ସମିସ):** ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଚନ୍ଦନବାଡ଼ ସରକାରୀ ପୌର ଉଚ୍ଚ ବିଦ୍ୟାଳୟକୁ ଶ୍ରେଷ୍ଠ ଆଲୁମନି ଭାବେ ପୁରସ୍କୃତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରମାନଙ୍କୁ ନେଇ ଗଠିତ ଆଲୁମନିର ସଭାପତି ଲକ୍ଷ୍ମୀକାନ୍ତ ମିଶ୍ର ଓ ସମ୍ପାଦକ ଜି.ନାଗରାଜୁ ଉପସ୍ଥିତ ରହିବା ସହ ପୁରସ୍କାର ଗ୍ରହଣ କରି ସମ୍ବର୍ଦ୍ଧିତ ହୋଇଛନ୍ତି । ସଭାପତି ଶ୍ରୀ ମିଶ୍ର ସୂଚନା ଦେଇ କହିଛନ୍ତି ଯେ ଏହାର ଶ୍ରେୟ ପ୍ରଧାନଶିକ୍ଷୟିତ୍ରୀ ସ୍ୱାତୀ ପଟ୍ଟନାୟକ, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷାର୍ଥୀ, ପୂର୍ବତନ ସମସ୍ତ ଶିକ୍ଷକବୃନ୍ଦଙ୍କୁ ପ୍ରଦାନ କରିବା ସହ ସମସ୍ତଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଏହି ସଫଳତା ମିଳିଥିବା କହିଛନ୍ତି । ଜୟପୁର ବିଧାୟକ ଏବଂ ପୌରାଧ୍ୟକ୍ଷ ବିଦ୍ୟାଳୟକୁ '୫-ଟି'ରେ ପରିଣତ କରିବାରେ ସହଯୋଗ କରିଥିଲେ । ପୂର୍ବତନ ଶିକ୍ଷକ ହରିହର କରସୁଧା ପଟ୍ଟନାୟକ, କିଶୋର ଚନ୍ଦ୍ର ପଣ୍ଡା, ଦୁର୍ଗା ପ୍ରସାଦ ଦାଶ, ୟୁ ରାଜଶେଖର ପ୍ରମୁଖଙ୍କୁ ମଧ୍ୟ ସଭାପତି ଶ୍ରୀ ମିଶ୍ର କୃତଜ୍ଞତା ଜ୍ଞାପନ କରିଛନ୍ତି ।

ପୁଷପୁନେଇ ଉତ୍ସବ ଉଦ୍‌ଯାପିତ

# ଅନ୍ତିମ ଦିବସରେ ଯୋଗଦେଲେ ଜିଲ୍ଲାର ଦୁଇ ପଦ୍ମଶ୍ରୀ

**ଜୟପୁର,୩୧ା୧(ସମିସ):** କୋରାପୁଟ ଜିଲ୍ଲା ଜୟପୁରଠାରେ ଗତ ଗୁରୁବାରଠାରୁ ଏକ ସପ୍ତାହ ବ୍ୟାପୀ ଅନୁଷ୍ଠିତ ହୋଇଥିବା ଆଦିବାସୀ ସଂସ୍କୃତି ଓ ପରମ୍ପରାର ପର୍ବ ପୁଷପୁନି ଉତ୍ସବ ବୁଧବାର ଉଦଯାପିତ ହୋଇଯାଇଛି । ଅନ୍ତିମ ଦିବସରେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାରେ ପଦ୍ମଶ୍ରୀ ଉପାଧି ପାଇଥିବା ପଦ୍ମଶ୍ରୀ କମଳା ପୂଜାରୀ ଏବଂ ପଦ୍ମଶ୍ରୀ ଗୋବର୍ଦ୍ଧନ ପନିକା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଉତ୍ସବ ଉପରେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଜୟପୁର ପୌରସଂସ୍ଥାର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଯୋଗଦେଇ ପ୍ରତ୍ୟେକ ବର୍ଷ ପୁଷପୁନେଇ ଉତ୍ସବ ପାଳନ କରି ଅସୁଥିବାରୁ ଆୟୋଜକମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀ ଏବଂ ଆୟୋଜନରେ ସହଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ସେହିପରି ଆଦିବାସୀ ନୃତ୍ୟ ଓ ଗୀତର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ପୁଷପୁନି ଆୟୋଜକ କମିଟିର ସଭାପତି ମନୋଜ ପାତ୍ର ଏବଂ ସମ୍ପାଦକ ଧିରେନ ମୋହନ ପଟ୍ଟନାୟକ ପରିଚାଳନା କରିଥିଲେ । ଏହି ଅବସରରେ ପ୍ରାୟ ୫୦ଟି ଷ୍ଟଲ୍ ଖୋଲାଯାଇଥିବାବେଳେ ବିଭିନ୍ନ ଖାଦ୍ୟପେୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରାଯାଇଥିଲା । ସେହିପରି ଅଞ୍ଚଳବାସୀଙ୍କ ଅମୋଦପ୍ରମୋଦ ପାଇଁ ମୀନାବଜାରର ମଧ୍ୟ ଆୟୋଜନ ହୋଇଥିଲା ।



## ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ମାଲକାନଗିରି, ୩୧।୧(ସମିସ):** ମାଲକାନଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅଧକ୍ଷ ଲିଙ୍ଗରାଜ ମିଶ୍ର ଉଦଘାଟନ କରି ଶିବିରର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡକ୍ଟର ଉଦୟନାଥ ଖରା, ପ୍ରାଧ୍ୟାପକ ଅଶୋକ କୁମାର ଷଡ଼ଙ୍ଗୀ, ବାଣିଜ୍ୟ ବିଭାଗର ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଉପସ୍ଥିତ ରହି ବାଳିକାମାନଙ୍କୁ ନିଜର ସୁରକ୍ଷା କିପରି କରିବେ ତାହା ପିଲାମାନଙ୍କୁ ଅବଗତ କରାଇଥିଲେ। ପ୍ରଶିକ୍ଷଣ ଶିବିରରେ ଆତ୍ମସୁରକ୍ଷା କୌଶଳ ଶିବିରର ଅଧିକାରିଣୀ ପ୍ରେମରେଖା ଭଦ୍ରା, ମାଷ୍ଟର ଟ୍ରେନର ସବିତା କଦିମ ଓ ଗାର୍ଗି ଦୁର୍ଗା ଉପସ୍ଥିତ ରହି ଆଠ ଦିନ ଧରି ସୁରକ୍ଷା କୌଶଳର ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ /ଅଧ୍ୟାପିକା ଓ ଛାତ୍ରୀମାନଙ୍କ ରହି ଏହାକୁ ସଫଳ କରିଥିଲେ। ଶେଷରେ ଅଧ୍ୟାପିକା ଲିପ୍ସା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକଙ୍କୁ ନେଇ ପୁଲିସର ବୈଠକ

**ବାଲିମେଲା, ୩୧।୧(ସମିସ):** ମାଲକାନଗିରି ଜିଲ୍ଲା ବାଲିମେଲା ସହରସ୍ଥିତ ଓରକେଲ ଥାନାଠାରେ ମଙ୍ଗଳବାର ସନ୍ଧ୍ୟା ସମୟରେ ବାଲିମେଲା ସହରର ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିମେଲା ସହରସ୍ଥିତ ଓରକେଲ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ କଙ୍କଣ ବିଶ୍ୱାସ ଓ ଓରକେଲ ଥାନାଧିକାରୀ ଧୀରେନ ପଟ୍ଟନାୟକ ମିଳିତ ଭାବେ ବରିଷ୍ଠ ନାଗରିକମାନଙ୍କ ସହ ସେମାନଙ୍କ ସୁବିଧା ଅସୁବିଧା ନେଇ ଆଲୋଚନା କରିଥିଲେ। ଏହି ବୈଠକରେ ବରିଷ୍ଠ ନାଗରିକ ମାନେ ନିଜର ପରିଚୟ ପତ୍ର ନେଇ ଦାବି କରିଥିଲେ। ଏଥିସହିତ ବ୍ୟାଙ୍କରେ ଭିଡ଼ ହେତୁ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ କରିଥିଲେ। ତେଣୁ ସେମାନଙ୍କ ସ୍ୱତନ୍ତ୍ର ଧାଡ଼ି କରି ବ୍ୟାଙ୍କ ସେବା ଯୋଗାଇ ଦେବାକୁ ଦାବି କରିଥିଲେ। ଏଥିସହିତ ବିଭିନ୍ନ ସମୟରେ ବରିଷ୍ଠ ନାଗରିକମାନେ ସାଇବର ଠକେଇର ଶିକାର ହେଉଥିବା ଅଭିଯୋଗ କରିଥିଲେ। ଏହାର ସମାଧାନ ନିମନ୍ତେ ଥାନାଧିକାରୀ ଶ୍ରୀ ପଟ୍ଟନାୟକ ନିଜର ଫୋନ ନମ୍ବର ବରିଷ୍ଠ ନାଗରିକମାନଙ୍କୁ ଦେଇଥିଲେ। ଏଥିସହିତ ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟରେ କିପରି ବରିଷ୍ଠ ନାଗରିକମାନଙ୍କୁ ପ୍ରାଧାନ୍ୟ ଦିଆଯିବ ସେ ନେଇ ଦାବି କରିଥିଲେ। ଏହି ବୈଠକରେ ସହରର ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ।

## ଷୋହଳ ଖଣ୍ଡ ଗୋପାଳ ସମାଜ ପକ୍ଷରୁ ଶୋକସଭା



**ଜୟପୁର, ୩୧।୧(ସମିସ):** କୋରାପୁଟ ଜିଲ୍ଲା ଷୋହଳ ଖଣ୍ଡ ଗୋପାଳ ସମାଜ ପକ୍ଷରୁ ମଙ୍ଗଳବାର ଜୟପୁର ସ୍ଥିତ ଯାଦବ ଭବନରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସମାଜର କେନ୍ଦ୍ରୀୟ ତଥା ଗଞ୍ଜାମ ଜିଲ୍ଲା ସଭାପତି କାଳିଚରଣ ଗୌଡ଼ଙ୍କ ବିୟୋଗରେ କୋରାପୁଟ ସଭାପତି ପରମେଶ୍ୱର ପାତ୍ରଙ୍କ ସଭାପତିତ୍ୱ ଶୋକସଭା ଅନୁଷ୍ଠିତ ହୋଇଥିଲା। ଦୁଇ ମିନିଟର ନୀରବ ପ୍ରାର୍ଥନା ପରେ ବକ୍ତାମାନେ ସ୍ୱର୍ଗତ କାଳି ଚରଣଙ୍କ ସମାଜ ପ୍ରତି ରହିଥିବା କର୍ତ୍ତବ୍ୟ, ସାଙ୍ଗଠନିକ ଦକ୍ଷତା ଉପରେ ସ୍ମରଣ କରିଥିଲେ। କୋରାପୁଟ ଜିଲ୍ଲା ଗୋପାଳ ସମାଜର ତିନି ଜଣିଆ କମିଟି ଗଞ୍ଜାମ ଜିଲ୍ଲା ତାଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସାକ୍ଷାତ କରିଥିଲେ। ଆଜିର ଏହି ବୈଠକରେ ସମାଜ ପକ୍ଷରୁ ଉପ ସଭାପତି କୃଷ୍ଣଚନ୍ଦ୍ର ଗୌଡ଼, ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼, ବୈପାରିଗୁଡା ବ୍ଲକ ସଭାପତି ପଦ୍ମନାଭ ଗୌଡ଼, ଉପ ସଭାପତି ଅଜୟ ଅଜାମ୍ବର ନାୟକ, ସମ୍ପାଦକ ଉଦୟନାଥ ମହାଙ୍କୁଡ଼, ରାମଚନ୍ଦ୍ର ମହାଙ୍କୁଡ଼, ନାରାୟଣ ଗୌଡ଼, ପ୍ରଦୀପ ନାୟକ, ବଳରାମ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ସୁନାବେଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସହିଦ ଦିବସ

**ସୁନାବେଡ଼ା, ୩୧।୧(ସମିସ):** ସୁନାବେଡା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୱାଇଆରସି ୟୁନିଟ ଆନୁକୂଲ୍ୟରେ ସହିଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ରେଡକ୍ରସ୍ କାଉନସେଲର ଅଧ୍ୟାପିକା ଅଙ୍କୁରିତା ନାୟକଙ୍କ ଆବାହକତ୍ୱରେ ଏକ ଆଲୋଚନାଚକ୍ର ତଥା ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଜାତିର ପିତା ମହାତ୍ମାଗାନ୍ଧୀ ଏବଂ ରେଡକ୍ରସ୍ ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ତଥା ଦୀପ ଦାନ କରି ଛାତ୍ରୀ ଏବଂ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହାପରେ ଅମର ସହିଦଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟର ନିରବ ପ୍ରାର୍ଥନା କରାଯାଇ ରାମଧୂନ ଗାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦିରା ପଟ୍ଟନାୟକ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିବାବେଳେ ପୂର୍ବତନ ଅଧ୍ୟକ୍ଷ ପବିତ୍ର କୁମାର ବେଦାନ୍ତ ଛାତ୍ରୀଙ୍କୁ ନୈତିକତା, ଅହିଂସା, ସତ୍ୟବାଦୀତା ସମ୍ପର୍କରେ ସଚେତନ କରାଇ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ। ଅଧ୍ୟାପକ ମନୋରଞ୍ଜନ ସ୍ୱାଇଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସନ୍ତୋଷ କୁମାର ସାମଲ, ଇତିଶ୍ରୀ ମହାରଣା, କ୍ରୀଡ଼ା ଶିକ୍ଷୟିତ୍ରୀ ନିର୍ଝରୀଣି ବିଶ୍ୱାଳ ପ୍ରମୁଖ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶେଷରେ ଶ୍ରୀମତୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଛାତ୍ରୀ ମାନଙ୍କ ଦ୍ୱାରା ବନ୍ଦେ ମାତରମ୍ ଗାନ କରାଯାଇଥିଲା।

## ସାଂସଦ ଓ ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ଚନ୍ଦାହାଣ୍ଡି, ୩୧।୧(ସମିସ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଗୁଡିକୁ ମଙ୍ଗଳବାର ନବରଙ୍ଗପୁର ଲୋକସଭା ସାଂସଦ ରମେଶ ଚନ୍ଦ୍ର ମାଝୀ ଓ ଝରିଗାଁ ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ମାଝୀ ଉଦଘାଟନ କରିଛନ୍ତି। ପ୍ରଥମେ କୁହୁଡି ପଞ୍ଚାୟତର ଡହିମାଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଡହିମାଳରୁ ଧୂମାକୋଟ ପର୍ଯ୍ୟନ୍ତ ୩୩୪.୯୭ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣର ଶିଳାନ୍ୟାସ ପ୍ରାରମ୍ଭ କରି ଦ୍ୱତୀୟରେ ଗମ୍ଭାରୀଗୁଡା ପଞ୍ଚାୟତ ଗସ୍ତ କରି ୧୬୬୩.୭୧ଲକ୍ଷ ବ୍ୟୟରେ ନିର୍ମାଣ ହେବାକୁ ଥିବା ଖପରାଡିହି ଠାରୁ ଛତିଶଗଡ଼ ଧୂମାମୁଣ୍ଡାକୁ ସଂଯୋଗ କରୁଥିବା ତେଲନଦୀ ଠାରେ ବ୍ରିଜ ଏବଂ ଦଳବେଡା ପଞ୍ଚାୟତ ଗସ୍ତ କରି ୫୪୨.୦୭ ଲକ୍ଷ ଟଙ୍କା ବ୍ୟୟରେ ଭାଟିପଡ଼ା ଠାରୁ କାସିପାଣି ରାସ୍ତାର ଶିଳାନ୍ୟାସ କରିଥିଲେ। ପାଟଖଲିଆ ପଞ୍ଚାୟତରେ ନୂତନ ଭାବେ ୩୬୩.୬୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା କୁକରାକୋଟରୁ ମଣିପଦର ନାଳରେ ବ୍ରିଜ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ପୂର୍ତ୍ତ ବିଭାଗ ଦ୍ୱାରା ଚନ୍ଦାହାଣ୍ଡିଠାରୁ ବନ୍ଧାକୋନା ପାଟଖଲିଆ ଦେଓବନ୍ଧଠାରୁ ବେହେରାମୁଣ୍ଡା ରାସ୍ତାରେ ନିର୍ମାଣର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଚନ୍ଦାହାଣ୍ଡି ବ୍ଲକରେ ସାଂସଦ ଓ ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ନେଇ ସମ୍ପୃକ୍ତ ସ୍ଥାନରେ ଜନସମ୍ପର୍କ ସଭାକୁ ନେଇ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏହି କାର୍ଯ୍ୟକ୍ରମରେ ଓଏଲଆଇସି ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ, ବ୍ଲକ ଅଧ୍ୟକ୍ଷା ସୁମିତ୍ରାକ୍ଷ ପୂଜାରୀ, ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ଜିଲ୍ଲାପରିଷଦ ବର୍ଷାରାଣୀ ପଟେଲ ଓ କେତକୀମଲ୍ଲୀ ଗୌଡ଼, ସମାଜସେବୀ ଯୁବରାଜ ଜଗତ, ବଳରାମ ପଟନାୟକ, ପୁରୁଷୋତ୍ତମ ପାରି, ଝୁମୁକଲାଲ ସାହୁ, କିଶୋର ଖମାରି, ଡମ୍ବରୁ ମାଝୀ, ମାଲଗାଁ ସମିତି ସଭ୍ୟ କ୍ଷୀରଦେଇ ଚଣ୍ଡୀ, ସରପଞ୍ଚ ଦୁର୍ଲଭ ପୂଜାରୀ, ଜଳନ୍ଧର ମାଝୀ ପ୍ରମୁଖଙ୍କ ସମେତ ସରପଞ୍ଚ, ସମିତି ସଭ୍ୟସଭ୍ୟା ଏବଂ ଆରଡ଼ି ସହକାରୀ ଯନ୍ତ୍ରୀ ଜୟ ପ୍ରକାଶ ସୋରେନ, କନିଷ୍ଠ ଯନ୍ତ୍ରୀ ସାଲ୍ହାଇ ହେମ୍ବ୍ରମ, ରବୀନ୍ଦ୍ର ଜେନା ଏବଂ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ମନୋଜ କୁମାର ସାହୁ ଏବଂ ଗୌରାଙ୍ଗ ପ୍ରସାଦ ମାଝୀ, ବିଭାଗୀୟ କର୍ମଚାରୀଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ।

# ସାନସରପଲ୍ଲୀ-କାବ୍ରିବାଡ଼ି ରାସ୍ତା ମରଣଯନ୍ତା



**ବନ୍ଧୁଗାଁ,୩୧।୧(ସମିସ):** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକର ସାନସରପଲ୍ଲୀରୁ କାବ୍ରିବାଡ଼ି ପଞ୍ଚାୟତକୁ ସଂଯୋଗ କରୁଥିବା ପିଚୁ ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତା ସମସ୍ୟାର ସମାଧାନ କରା ନ ଗଲେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ସ୍ଥାନୀୟ ଜନପ୍ରତିନିଧି ଓ ଗାଁ ମୁଖିଆ ଚେତାବନୀ ଦେଇଛନ୍ତି। ସୂଚନାନୁଯାୟୀ, ଗତ ୫ ବର୍ଷ ତଳେ ସାନସରପଲ୍ଲୀ ମୁଖ୍ୟରାସ୍ତାଠାରୁ କେଲୁବାଡ଼ି ଗ୍ରାମ ପର୍ଯ୍ୟନ୍ତ ଆରଡି ବିଭାଗର ଅଧିକାରୀଙ୍କ ତତ୍ତ୍ୱାବଧାନରେ ରାସ୍ତା ନିର୍ମାଣ ହୋଇଥିଲା। କିନ୍ତୁ ତାହା ନିମ୍ନମାନର ହୋଇଥିବାରୁ ରାସ୍ତାଟି ନିର୍ମାଣ ହେବାର ମାତ୍ର ୬ମାସ ମଧ୍ୟରେ ରାସ୍ତାଟି ସମ୍ପୂର୍ଣ୍ଣ ଦବି ଯାଇ ନଷ୍ଟ ହୋଇଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣ ପରେ କିଛି ବର୍ଷ ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ନିର୍ମାଣ ଦାୟିତ୍ୱ ନେଇଥିବା ବିଭାଗ ପକ୍ଷରୁ କରାଯିବାର ବ୍ୟବସ୍ଥା ରହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଗୋଟିଏ ଥର ମଧ୍ୟ ରାସ୍ତା ମରାମତି କରାଯାଇ ନାହିଁ। ଇତି ମଧ୍ୟରେ ପ୍ରାୟ ୫ ଥର ଜିଲ୍ଲାପାଳଙ୍କୁ ରାସ୍ତା ନିର୍ମାଣ ପାଇଁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇ ପାରି ନାହିଁ। ବର୍ତ୍ତମାନ ରାସ୍ତାର ଅବସ୍ଥା ସଙ୍କଟାପନ୍ନ ଅବସ୍ଥାରେ ଥିବାରୁ ଅଞ୍ଚଳବାସୀ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି । ଏହି ରାସ୍ତା ବନ୍ଧୁଗାଁ ବ୍ଲକର କାବ୍ରିବାଡ଼ି, ପେଦାଲଡ଼ା ଓ ନାରାୟଣପାଟଣା ବରଗି ପଞ୍ଚାୟତର ଅନେକ ଗ୍ରାମକୁ ସଂଯୋଗ କରୁଥିବାରୁ ଏହାକୁ ତୁରନ୍ତ ପୁନଃନିର୍ମାଣ କରାଯିବାକୁ ସ୍ଥାନୀୟ ପଞ୍ଚାୟତ ସରପଞ୍ଚ ସସ୍ମିତା ପିଡ଼ିକା, ସମିତି ସଭ୍ୟ କିଶୋର ରାଉତ, ନାଏବ ସରପଞ୍ଚ ତାଉଡୁ ମାଣ୍ଡିଙ୍ଗୀ, ମାଲେୟ ମେଲେକା, ଗୋଲା ପିଡ଼ିକା, ତାମେୟା ପୂଆଲା, ବିଶ୍ୱନାଥ କଣ୍ଡାଗୋରି, ବାଙ୍ଗାରି ମାଣ୍ଡିଙ୍ଗି, ରାଜେଶ ପିଡ଼ିକା, ସୁନାମୁଦି ନବିନ, ଦାସୁ ମାଣ୍ଡିଙ୍ଗି, ଗଦାନା ମେଲେକା, ସାନସା ମାଣ୍ଡିଙ୍ଗୀ, ଓ ମୋହନ କାଡ୍ରାକା ଦାବି କରିଛନ୍ତି।

## ଅମ୍ବାଦଳା ବିଜେପିର ପ୍ରସ୍ତୁତି ବୈଠକ

**ମୁନିଗୁଡ଼ା,୩୧।୧(ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଅମ୍ବାଦଳା ବିଜେପି କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଜେପି ମଣ୍ଡଳ ସଭାପତିଙ୍କ ସଭାପତିତ୍ୱରେ ବିଷମକଟକ ନିର୍ବାଚନ ମଣ୍ଡଳୀର ଆଶାୟୀ ପ୍ରାର୍ଥୀ ସୁବାସ ପ୍ରସ୍କାକାଙ୍କ ଉପସ୍ଥିତିରେ ଏହି ବୈଠକ ଆରମ୍ଭ ହୋଇଥିଲା। ଉକ୍ତ ବୈଠକରେ ମଣ୍ଡଳ ସମ୍ପାଦକ ଲବ ପାଢ଼ୀ, ମଣ୍ଡଳ ଓବିସି ମୋର୍ଚ୍ଚା ସଭାପତି ଡମ୍ବରୁ ହଂସ, ପୂର୍ବତନ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାମନ୍ତ ଓ ବିଜେପି କର୍ମୀ ରାଜେନ୍ଦ୍ର ନାୟକ, ରବୀନ୍ଦ୍ର ବିଶ୍ୱାଳ, ପିଣ୍ଟୁ ମହାନ୍ତି, ପଞ୍ଚାୟତ ପ୍ରମୁଖ ହରେକୃଷ୍ଣ ବେହେରା, ଶ୍ରୀନୁ ମୁଟୁକା, ଭିକାରୀ ନାହାକ, ସୁଶାନ୍ତ ନାୟକ, ଉତ୍ତମ ଭୋଇ, ସତ୍ୟା ନନ୍ଦ ଓ ଶଙ୍କର ବେହେରା ପ୍ରମୁଖଙ୍କ ସହ ୯ଟି ପଞ୍ଚାୟତର ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ।

## ମହାବିଦ୍ୟାଳୟରେ ଯୁବ ସଂସ୍କାର କାର୍ଯ୍ୟକ୍ରମ

**ରାୟଗଡ଼ା,୩୧।୧(ସମିସ):** ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁଯାୟୀ ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଯୁବ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବକ୍ତା ଭାବେ ଯୋଗଦେଇ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଗଣିତ ଉପାଦେୟତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ବବିଲତା ଶରଫ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଗଣିତର ଭୂମିକା ସମ୍ବନ୍ଧରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ. ସରସ୍ୱତୀ ରାୟ ପରିଚାଳନା କରିଥିବାବେଳେ ସୁବ୍ରତ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## କୁନ୍ଦୁରାରେ ନୂତନ ଥାନାଧିକାରୀଙ୍କ ଯୋଗଦାନ

**କୁନ୍ଦୁରା, ୩୧।୧(ସମିସ):** କୋରାପୁଟ ଜିଲ୍ଲା କୁନ୍ଦୁରା ଥାନାର ନୂତନ ଥାନାଧିକାରୀ ଚିତ୍ତ ରଞ୍ଜନ ପ୍ରଧାନୀ ଯୋଗ ଦେଇଛନ୍ତି। ଏହାପୂର୍ବରୁ ସେ କୋରାପୁଟ



ଟାଉନ ଥାନାରେ କାର୍ଯ୍ୟରତ ଥିଲେ। କୁନ୍ଦୁରା ଥାନରେ ଯୋଗ ଦେବା ପରେ ଏଠାରେ ଘଟୁଥିବା ଡକାୟତି, ଗଞ୍ଜେଇ ଚୋରା ଚାଲାଣ, ରୋଡ଼ ରୋମିଓଙ୍କ ଉପରେ ବିଶେଷ ଦୃଷ୍ଟି ରହିବ ବୋଲି ଶ୍ରୀ ପ୍ରଧାନୀ କହିଛନ୍ତି। ତେବେ ୩ ବର୍ଷ ନ ପୂରୁଣୁ ୫ ଥାନା ଅଧିକାରୀ କୁନ୍ଦୁରା ଥାନାରୁ ଅନ୍ୟତ୍ର ବଦଳି ହୋଇଛନ୍ତି। ସୂର୍ଯ୍ୟ ପ୍ରକାଶ ନାୟକ, ଶେଷଦେବ ବେହେରା, ଅଶ୍ୱିନୀ ପଟ୍ଟନାୟକ, ସମର୍ପିତା ସ୍ୱାଇଁ, ଦୀପାଞ୍ଜଳି ପ୍ରଧାନଙ୍କ ଭଳି ଦକ୍ଷ ଥାନା ଅଧିକାରୀମାନଙ୍କୁ ଅଞ୍ଚଳ ସୁଧାରିବା ବଦଳରେ ବଦଳି କରାଯିବା ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଥାଇ ପାରେ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

# କେନ୍ଦ୍ରୀୟ ବିଦ୍ୟାଳୟରେ ସ୍ୱଚ୍ଛତା ସମ୍ବନ୍ଧୀୟ ଆଲୋଚନାଚକ୍ର

**ମାଲକାନଗିରି,୩୧।୧(ସମିସ)**

କେନ୍ଦ୍ରୀୟ ବିଦ୍ୟାଳୟ ମାଲକାନଗିରିରେ କିଶୋରୀ ବାଳିକାମାନଙ୍କ ପାଇଁ ମାସିକଧର୍ମ ଏବଂ ସ୍ୱଚ୍ଛତା ସମ୍ବନ୍ଧୀୟ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡ. କୈଳାଶ ମୀନାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନବରଙ୍ଗପୁର ଆଦର୍ଶ ମହାବିଦ୍ୟାଳୟର ନୃତତ୍ତ୍ୱ ବିଜ୍ଞାନ ବିଭାଗର ମୁଖ୍ୟ ଡ. ସିଲି ରାଉତ ଏହି କାର୍ଯ୍ୟକ୍ରମରେ ରିସୋର୍ସ ପର୍ସନ ରୂପେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମାସିକଧର୍ମରେ ଉପନୀତ ହେବାକୁ ଥିବା ଛାତ୍ରୀଙ୍କ ପାଇଁ ପ୍ରସ୍ତୁତି, ଛାତ୍ରୀମାନେ କିପରି ସ୍ୱଚ୍ଛତା ରଖିବେ, ମାସିକଧର୍ମ ସମ୍ବନ୍ଧୀୟ ବିଭିନ୍ନ ଅନ୍ଧବିଶ୍ୱାସ ଇତ୍ୟାଦି ବିଷୟରେ ସବିଶେଷ କରାଯାଇଥିଲା। ଡ. ରାଉତ ଛାତ୍ରୀମାନଙ୍କୁ ସାନିଟାରୀ ନାପକିନର ବ୍ୟବହାର ଏବଂ ସୁଚାରୁ ରୂପେ ଏହାକୁ କିପରି ନଷ୍ଟ କରାହେବା ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ସାନିଟାରି ଭେଣ୍ଡିଂ ମେସିନରୁ କିପରି ନାପକିନ ବାହାର କରିବେ ଏବଂ ବ୍ୟବହାର ପରେ ଇନସିନେରେଟରରେ ତାକୁ କିପରି ନଷ୍ଟ କରିବେ ତାହାର ମଧ୍ୟ ପ୍ରଶିକ୍ଷଣ ଛାତ୍ରୀଙ୍କୁ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଡ. ସିଲିଙ୍କ ଠାରୁ ଛାତ୍ରୀମାନେ ନିଜର ଜିଜ୍ଞାସା ଏବଂ ସନ୍ଦେହ ଦୂର କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାଧନାମୟୀ ସେନାପତି ପରିଚାଳନା କରିଥିବାବେଳେ କବିତା ଭାରତୀ ଏଥିରେ ସହଯୋଗ କରିଥିଲେ।

## ସୁନ୍ଦର ସ୍ୱାସ୍ଥ୍ୟ ଓ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା



**ଗୁଣୁପୁର,୩୧।୧(ସମିସ)**

ଗୁଣୁପୁର ନୂତନ ବସଷ୍ଟାଣ୍ଡସ୍ଥିତ ଚଇତିମଣ୍ଡପରେ ଶକ୍ତି ଉତ୍ତୋଳନ ଓ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦ୍ୱାଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଖେଳାଳି ଭାଗ ନେଇଥିଲେ। ବରିଷ୍ଠରେ ଫେରି ପଦ୍ମଚରଣ ପଣ୍ଡା ଓ ବିଟିବି ରାବଣା ମୂର୍ତ୍ତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ବିଶେଷ କରି କାର୍ଯ୍ୟକ୍ରମର ଶେଷ ଭାଗରେ ଖେଳାଳିମାନେ ଯେଉଁଭଳି ଢଙ୍ଗରେ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରି ତାଙ୍କର ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ କରିଥିଲେ ତାହା ଦର୍ଶକମାନଙ୍କୁ ଆକର୍ଷିତ କରିଥିଲା। ଶେଷରେ ଷ୍ଟ୍ରଙ୍ଗମ୍ୟାନ୍ ଭାବେ ରାୟଗଡ଼ାର ଜି. ଶିବା ଏବଂ ମହିଳା ଦଳରେ ପିଙ୍କି ହୁଇକା ଓ ଡେଭିଡ ନୂଣ୍ଡୁକାଙ୍କୁ ସୁନ୍ଦର ସ୍ୱାସ୍ଥ୍ୟରେ ବିଜେତା ଭାବେ ଘୋଷଣା କରାଯାଇଥିଲା। ରେଫେରି ଭାବେ ସଦାଶିବ ତ୍ରିପାଠୀ, ଏ ସାମିର ରାଜା, ଜି ଚିନ୍ନା, କଣ୍ଡାଗିରି ଦୋରା ଦାୟିତ୍ୱରେ ଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ଅକ୍ଷୟ ଦାସ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ଫଣିଭୂଷଣ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର ପାଢ଼ୀ, ଏସ. ଗଣପତି ରାଓ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଏସ. ବାବା ପ୍ରଶାଦ, ରମେଶ ଲିମା, ମୁନା ପାଣି, ମିଲି ପାଢ଼ୀ, ରାମ ପଣ୍ଡା, ଅନିଲ ସାଉକାର, ମୁନା ପାଢି, ସଞ୍ଜୀବ ପଟ୍ଟନାୟକ, ଅଜିତ ପଣ୍ଡା, କମଳାକାନ୍ତ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ବିଲରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଲକ୍ଷ୍ମୀପୁର,୩୧।୧(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ତୋୟାପୁଟ ଆଦିବାସୀ ସାହିର ଅଭି ମିଣିଆକା (୫୦) ନାମକ ଜଣେ ବ୍ୟକ୍ତିଙ୍କ ମୃତଦେହ ବୁଧବାର ତାଙ୍କ ବିଲ ନିକଟରୁ ଉଦ୍ଧାର ହୋଇଛି। ସେ ନିଜ ବିଲକୁ ହଳ କାମ କରିବାକୁ ଯାଇଥିଲେ। ବୁଧବାର ସକାଳେ ତାଙ୍କ ବିଲ ପାର୍ଶ୍ୱରେ ସେ ପଡ଼ି ରହିଥିବା ପରିବାର ଲୋକେ ଦେଖିବାକୁ ପାଇ ସଙ୍ଗେ ସଙ୍ଗେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଅଭି ମିଣିଆକାଙ୍କ



ପୁଅ ସୁଶାନ୍ତ ମିଣିଆକ। ଲିଖିତ ଭାବେ ଲକ୍ଷ୍ମୀପୁର ଥାନାରେ ଜଣାଇଥିଲେ। ପୁଲିସ୍ ଏନେଇ ଏକ ମାମଲା ରୁଜୁ କରିଥିବାବେଳେ ସନ୍ଧ୍ୟା ହେବାରୁ ଗୁରୁବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଆଇଆଇସି ସୁଜ୍ଞାନୀ ସାହୁ କହିଛନ୍ତି। ଏଏସ୍ଆଇ କିନ୍ତାଲୁ ରମେଶ ଏହି ମାମଲାର ତଦନ୍ତ କରୁଥିବା ଜଣାପଡ଼ିଛି।

# ଜଳ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀଙ୍କ ଦାବି

**ଚନ୍ଦ୍ରପୁର,୩୧।୧(ସମିସ):** ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ଅନ୍ତର୍ଗତ ବିଜାପୁର ଗ୍ରାମ ପଞ୍ଚାୟତ ଅଧୀନ କାମିପଦର ଗ୍ରାମରେ ଦୁଇଟି ନଳକୂପ ଅଚଳ ହୋଇ ରହିଛି। ଯାହାକୁ ନେଇ ଗ୍ରାମବାସୀ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବହୁତ ଥର ଅଚଳ ନଳକୂପର ମରାମତି ପାଇଁ ସରପଞ୍ଚ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ ପ୍ରଶାସନ ଶୁଣି ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗ୍ରାମରେ ପ୍ରାୟ ୨୫ଘର ପରିବାର ବାସକରନ୍ତି। ସେମାନେ ନିକଟସ୍ଥ ନାଳ, ଚୁଆ ପାଣି ବ୍ୟବହାର କରୁଛନ୍ତି। ଏହି ଚୁଆ ପାଣି ମଧ୍ୟ ବ୍ୟବହାର କରି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଆଜି କମିପଦର ଗ୍ରାମର ମହିଳାମାନେ ବ୍ଲକକୁ ଆସି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପାଣିର ଅସୁବିଧା ନେଇ ଅଭିଯୋଗ ପତ୍ର ଦାଖଲ କରିବାକୁ ଆସିଥିଲେ। ହେଲେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କିମ୍ବା ବ୍ଲକ ଅଧକ୍ଷଙ୍କ ସହ ସାକ୍ଷାତ ହୋଇ ନପାରିବାରୁ ଉପାୟ ଶୂନ୍ୟ ହୋଇ ଗ୍ରାମକୁ ଫେରିଥିବା କହିଛନ୍ତି। ଆଗକୁ ଖରା ଦିନ ଆସୁଥିବାରୁ ଜଳ ଅଭାବରେ ଗ୍ରାମବାସୀ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଗ୍ରାମବାସୀ କହିଛନ୍ତି। ଉକ୍ତ ନଳକୂପ ସଜଡ଼ାଯିବା ସହ ଗ୍ରାମରେ ପାନୀୟ ଜଳର ସମସ୍ୟା ଦୂର କରିବା ପାଇଁ ଉଚିତ ପଦକ୍ଷେପ ନିଆଯାଉ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।



# କୃଷକ ସମାବେଶ ଓ ବିହନ ମେଳା

**କୋରାପୁଟ,୩୧।୧(ସମିସ):** ସ୍ଥାନୀୟ ନିଶାଣୀମୁଣ୍ଡାରେ କୋରାପୁଟର ପ୍ରଗତି, ଓଡ଼ିଶା ମିଲେଟ୍ସ ମିଶନ ଓ ୱାସନ ତରଫରୁ କୃଷକ ସମାବେଶ ଓ ବିହନ ମେଳା-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଗୁଣ୍ଡିଚା ମନ୍ଦିର ନିକଟରୁ ଦେଶୀ ବିହନର ସଚେତନତାକୁ ନେଇ ଏକ ବିଶାଳ ଶୋଭାଯାତ୍ରା ଚାଷୀମାନେ ସହର ପରିକ୍ରମା କରି ନିଶାଣୀମୁଣ୍ଡାରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା କରାଯାଇ କୃଷକ ସମାବେଶ ଓ ବିହନ ମେଳାକୁ ଉଦ୍‌ଘାଟନ କରାଯାଇଥିଲା। ଏହି ମେଳାରେ କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ି, କେସିସି ବ୍ୟାଙ୍କ ସଭାପତି ଈଶ୍ୱରଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ କୋରାପୁଟ ଓ ଅନ୍ୟାନ୍ୟ ଜିଲ୍ଲାରୁ ୨ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ। ଧାନ ଚାଷ ପ୍ରଥମେ କୋରାପୁଟ ଜିଲ୍ଲାରେ ଆରମ୍ଭ କରାଯାଇଥିବାବେଳେ ଧାନର ବିଭିନ୍ନ କିସମର ବିହନ ସଂରକ୍ଷଣ ସହ ଚାଷୀ କିପରି ଧାନ ଚାଷ ସହ ମିଲେଟସ ଯୁକ୍ତ ଖାଦ୍ୟର ବିହନ ସଂଗ୍ରହ କରି ଚାଷ କରିବା ସହ ଲାଭବାନ ହୋଇ ପାରିବେ। ତାହା ଉପରେ ଚାଷୀମାନଙ୍କୁ ତାଲିମ ଦେବା ସହ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ଅତିଥିମାନେ କହିଥିଲେ। ପରେ ଆଦିବାସୀ ଜୀବନ, ଚାଷ, ବିହନ ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନ ଉପରେ ଆଲୋଚନା କରାଯାଇଥିଲା। ପାରମ୍ପରିକ ବିହନ ଚାଷ କରି କିପରି ଲାଭବାନ ହୋଇ ପାରିବେ ସେ ନେଇ ଚାଷୀମାନଙ୍କୁ କୁହାଯାଇଥିଲା। ଜଳବାୟୁ ପରିବର୍ତ୍ତନର ମୁକାବିଲା, ଫସଲ ଉତ୍ପାଦନର ସୁରକ୍ଷା ପାଇଁ ବିହନ ବ୍ୟବସ୍ଥା, ଯୁବ ପିଢ଼ି ପାଇଁ କୃଷିର ସୁଯୋଗ ଓ ସମସ୍ୟା, ମହିଳା ସଶକ୍ତିକରଣ ଓ ଲଘୁ ଉଦ୍ୟୋଗ, କୃଷକ ଉତ୍ପାଦନ କମ୍ପାନୀ ଜରିଆରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଉନ୍ନତି କରିବା ନେଇ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା। ଏହି ଅବସରରେ ୫ରୁ ଅଧିକ ବିହନ ସହ ମିଲେଟ୍ସ ଯୁକ୍ତ ଖାଦ୍ୟର ଷ୍ଟଲ ପଡ଼ିଥିଲା। ପଦ୍ମଶ୍ରୀ ସାବରମତି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିବା ବେଳେ ଜିଆଇଟ୍ୟାଗ ମିଳିଥିବା କୋରାପୁଟିଆ କଳାଜିରା ଚାଉଳକୁ ଶାବର ଶ୍ରୀକ୍ଷେତ୍ରରୁ ଶ୍ରୀକ୍ଷେତ୍ର ଯିବ। ଗୁରୁବାର ପୁରୀଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତି ତରଫରୁ କାର୍ଯ୍ୟକ୍ରମ କରାଯାଇ ମହାପ୍ରଭୁଙ୍କ ପ୍ରସାଦରେ କଳାଜିରା ଚାଉଳକୁ ସାମିଲ କରାଯିବାର ଉଦ୍ୟମ କରାଯିବ ବୋଲି ପ୍ରଗତିର ସମ୍ପାଦକ ପ୍ରଭାକର ଅଧିକାରୀ କହିଛନ୍ତି। ମେଳାରେ ପ୍ରଗତିର ନିର୍ବାହୀ ନିର୍ଦ୍ଦେଶକ ଲୁନା ପଣ୍ଡା ଉପସ୍ଥିତ ଥିବାବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




## ସ୍ୱର୍ଶ କୁଷ୍ଠ ସଚେତନତା ପାଇଁ ଶପଥପାଠ

**ରାମନାଗୁଡ଼ା,୩୧।୧(ସମିସ):** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ସ୍ୱର୍ଶ କୁଷ୍ଠ ସଚେତନତା ଦିବସ ପାଳନ କରାଯାଇଛି। ଏହି ଦିବସରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ସୌରଭ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସ୍ୱର୍ଶ କୁଷ୍ଠ ରୋଗ ନିରାକରଣ ପାଇଁ ଶପଥ ପାଠ କରିଥିଲେ। ସେହିପରି ଏହି ଦିବସଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରୁଗୁଡୁବାଇ ଏବଂ ଉକାମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବ୍ଲକ୍ ଅଧୀନସ୍ଥ ସମସ୍ତ କେନ୍ଦ୍ରଗୁଡ଼ିକରେ ଗ୍ରାମ କଲ୍ୟାଣ ସମିତି ମାଧ୍ୟମରେ ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ରହି କୁଷ୍ଠ ରୋଗ ନିରାକରଣ ପାଇଁ ସଚେତନତା ଶପଥ ପାଠ କରିଥିଲେ। ସମସ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରମାନଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଦିବସରେ ସମସ୍ତେ ମିଳିମିଶି କୁଷ୍ଠ ରୋଗକୁ କିପରି ଭାବରେ ସାରା ଦେଶରୁ ହଟେଇହେବ ସେଥିପାଇଁ ଶପଥ ପାଠ କରାଇଥିଲେ।

'ନୂଆ-ଓ' ଯୁବ ଓଡ଼ିଶା, ନବୀନ ଓଡ଼ିଶା ଉଦ୍‌ଯାପିତ

# ଓଡ଼ିଶାକୁ ଉନ୍ନତ ରାଜ୍ୟରେ ପରିଣତ କରିବାକୁ ଯୁବଗୋଷ୍ଠୀକୁ ଆହ୍ୱାନ





**ପଟ୍ଟାଙ୍ଗି,୩୧ା୧(ସମିସ)**

ପଟ୍ଟାଙ୍ଗିସ୍ଥିତ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ', ଯୁବ ଓଡ଼ିଶା, ନବୀନ ଓଡ଼ିଶାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ରାମକୃଷ୍ଣ ସାମଲଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ପଟ୍ଟାଙ୍ଗି ବିଧାୟକ ପୀତମ ପାଢ଼ି ମୁଖ୍ୟ ଅତିଥି ଭାବରେ ଯୋଗଦେଇ 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମକୁ ସୁରୁଖୁରୁରେ ଚଳାଇଥିବା ଯୋଗୁଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକଅଧ୍ୟାପିକାଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଯୁବକମାନେ ମାଟି ମା' ପାଇଁ କାମ କଲେ ହିଁ ନୂତନ ଓଡ଼ିଶା ବା ନବୀନ ଓଡ଼ିଶାର ଗଠନ ହୋଇପାରିବ ବୋଲି କହିଥିଲେ। ଆଗାମୀ ଦିନରେ ଓଡ଼ିଶା କିଭଳି ଉନ୍ନତ ରାଜ୍ୟ ହୋଇପାରିବ ସେଥିପାଇଁ ସମସ୍ତ ଯୁବ ଗୋଷ୍ଠୀ ଆଗେଇ ଆସିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କୋରାପୁଟର ପ୍ରତିଭା ସୁଦୂର ଭୁବନେଶ୍ୱରରେ ପ୍ରଦର୍ଶିତ ହୋଇପାରିବ। ସମ୍ମାନିତ ଅତିଥି ଭାବରେ ପଟ୍ଟାଙ୍ଗି ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ପାଙ୍ଗି, ପଟ୍ଟାଙ୍ଗି ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ, ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ, ସମିତିସଭ୍ୟା ଶିବାନୀ ନାୟକ ଯୋଗଦେଇ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ନୂଆ ଓଡ଼ିଶା କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଗତ ଡିସେମ୍ବର ୧୧ ତାରିଖରୁ ଆରମ୍ଭ ହୋଇଥିବା ନୂଆ ଓଡ଼ିଶାର ଏହି କାର୍ଯ୍ୟକ୍ରମକୁ ତିନିଟି ବିଭାଗ ଯଥା- ସାମାଜିକ ସେବା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କ୍ରୀଡ଼ାରେ ବିଭକ୍ତ କରାଯାଇଥିଲା। ଅଧ୍ୟାପିକା ରାଜଶ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ସାମାଜିକ ସେବାରେ ସଡ଼କ ସୁରକ୍ଷା ସଚେତନତା, ବାଲ୍ୟ ବିବାହ, ଅନ୍ଧବିଶ୍ୱାସ ଏବଂ ସ୍ୱାସ୍ଥ୍ୟ ସଚେତନତା ତଥା ସ୍ୱାସ୍ଥ୍ୟ ପରୀକ୍ଷା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ବୈଲୋଚନ ରଣା ଏବଂ ଡେମୋନଷ୍ଟ୍ରେଟର ସୁଧାଂଶୁ ଭୂଷଣ ଜେନା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଧ୍ୟାପକ ଅଶୋକ ନାୟକଙ୍କ ନେତୃତ୍ୱରେ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ଜ୍ୟୋତ୍ସ୍ନାମୟୀ ସାହୁ, ଲାଇବ୍ରେରିଆନ ସଞ୍ଜୟ କୁମାର ପରିଡ଼ା ସହଯୋଗ କରିଥିଲେ। ଅଧ୍ୟାପକ ଡ. ଶେଷଦେବ ବାରିକଙ୍କ ନେତୃତ୍ୱରେ କ୍ରୀଡ଼ା ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ସୁକାନ୍ତ ଚନ୍ଦ୍ର ରାଉତରା ଏବଂ ଅନିଲ କୁମାର ଖିଲ ସହଯୋଗ କରିଥିଲେ। ଉଦଯାପନୀ ଉତ୍ସବରେ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ସାଂସ୍କୃତିକ ପ୍ରତିଯୋଗିତାର ବାଳକ ବିଭାଗରେ ଧରମରାୟ ଖରା ଏବଂ ବାଳିକା ବିଭାଗରେ ସନ୍ତୋଷୀ ମୁଣ୍ଡଗାଡ଼ିଆଙ୍କୁ ଶ୍ରେଷ୍ଠ ପ୍ରତିଯୋଗୀ ଭାବରେ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ାରେ ବାଳକ ବିଭାଗରେ ଗୋପାଳ ପାମିଆ ଏବଂ ବାଳିକା ବିଭାଗରେ କୁମାରୀ ପାରାମା ଖିଲଙ୍କୁ ଚାମ୍ପିଅନ ଭାବରେ ପୁରସ୍କୃତ କରାଯାଇଥିଲା। ସାମ୍ବାଦିକ ଶ୍ରୀକାନ୍ତ କୁମାର ଚୌଧୁରୀ, ମେଘା ଗୁଣ୍ଠା, ପ୍ରଶାନ୍ତ କୁମାର ଦାସ, ଶରତ କୁମାର ଧଳ, ଶଶଧର ରାଉତ ଏବଂ କୃଷ୍ଣଚନ୍ଦ୍ର ଗଲୋରୀଙ୍କୁ ସମ୍ମାନିତ କରାଯାଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ସରୋଜ ରଞ୍ଜନ ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ହୃଷୀକେଶ ପ୍ରଧାନ, ମନୋଜ ଦାସ, ଅନୀଲ କୁମାର ଖିଲ, ତୋଟାପାଡ଼ିଆ ଜିନୁ, ଫକିର ମୋହନ ପଣ୍ଡା, ଦଇମତୀ ଗୁଣ୍ଠା, ଗେମେଲ ଜଗନ୍ନାଥ ପ୍ରମୁଖ ସହଯୋଗ କରିଥିଲେ।

### ମାଲକାନଗିରି

ମାଲକାନଗିରି ସଦର ମହକୁମାସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟଠାରେ 'ନୂଆ-ଓ, ଯୁବ ଓଡ଼ିଶା-ନବୀନ ଓଡ଼ିଶା' ଅନ୍ତର୍ଗତ କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସଭାପତି ମାନସ ମାଡ଼କାମି ଯୋଗଦେଇଥିଲେ। ଯୁବ ପ୍ରତିଭା ଦେଶର ଭବିଷ୍ୟତ ଅଟନ୍ତି ତେଣୁ ସେମାନେ ପାଠ ପଢ଼ିବା ସହ କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ ସେବା ଉପରେ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ସେ ମତ ରଖିବା ସହ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀ, ବରିଷ୍ଠ ଆଇନଜୀବୀ ଦୁର୍ଗାପ୍ରସାଦ ତ୍ରିପାଠୀ, ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଜେନା ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ବିଦ୍ୟାଳୟ ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ।

### କୋଲନରା

ସ୍ଥାନୀୟ ଅମଲାଭଟାସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ରାୟଗଡ଼ାରେ 'ନୂଆ-ଓ', ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ପୁରସ୍କାର ବିତରଣ ଓ ଉଦଯାପନୀ ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିପ୍ର ନାରାୟଣ ମଳିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା ରାୟଗଡ଼ା ଜିଲ୍ଲାର ଜିଲ୍ଲା ସଂଯୋଜକ ପି.ଗୌରୀ ଶଙ୍କର ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାର ଇତିହାସ ଏବଂ ମହାବିଦ୍ୟାଳୟରେ ଗୁରୁଭକ୍ତି, ଗୁରୁଙ୍କ ଆଦର୍ଶ ଓ ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ ପରାୟଣାତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ରାଜେଶ୍ ପୃଷ୍ଟି, ବିବେକାନନ୍ଦ କେନ୍ଦ୍ର, କନ୍ୟା କୁମାରୀ, ଗୁଣୁପୁର ନଗର ଯୁବା ପ୍ରମୁଖ, ମୁଖ୍ୟବକ୍ତା ଭାବେ ଯୋଗଦେଇ ବିବେକାନନ୍ଦଙ୍କର ବାଣୀ ଏବଂ ଅତୀତ ଭାରତର ଛାତ୍ର ଜୀବନ, ଭାରତର ସାହିତ୍ୟ, ସଂସ୍କୃତି, ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁନିଗୁଡ଼ା ସ୍ନାତକ ମହାବିଦ୍ୟାଳୟ ହୃଷିକେଶ ଜାଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆଦର୍ଶ ଛାତ୍ର ଜୀବନ ପାଇଁ ବିବିଧ ପନ୍ଥା ସମ୍ବନ୍ଧରେ ଆଲୋଚନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଥମ ପୁରସ୍କାର ରାଶି ଭାବେ ୪ହଜାର, ଦ୍ୱିତୀୟ ପାଇଁ ୩ହଜାର, ତୃତୀୟ ପୁରସ୍କାର ରାଶି ୨ହଜାର ଟଙ୍କା, ସିଲ୍ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହିସବୁ କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ଡ. କୈଳାସ ମଳିକ ଏବଂ ଅନ୍ୟ ସମସ୍ତ ଅଧ୍ୟାପକଅଧ୍ୟାପିକା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

■ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ତ୍ରିନାଥ ରଥଙ୍କ ଅବସର

## ଗୋପାଳ ହାଲଦାରଙ୍କୁ ନୂତନ ଦାୟିତ୍ୱ



**ଜୟପୁର,୩୧ା୧(ସମିସ):** ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର କୋରାପୁଟ ଜିଲ୍ଲା ଜୟପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ତ୍ରିନାଥ ପ୍ରସାଦ ରଥ ସରକାରୀ ଚାକିରିରୁ ବୁଧବାର ଅବସର ଗ୍ରହଣ କରିଛନ୍ତି। ଶ୍ରୀ ରଥଙ୍କ ସ୍ଥାନରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର୍ ଡ. ଗୋପାଳ ହାଲଦାରଙ୍କୁ ଶିକ୍ଷା ବିଭାଗର ଜୟପୁର ଅଞ୍ଚଳିକ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ବୁଧବାର ଡ. ହାଲଦାର୍ ଶ୍ରୀ ରଥଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ଡ. ହାଲଦାରଙ୍କ ସ୍ଥାନରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ନୂତନ ରେଜିଷ୍ଟ୍ରାର୍ ଭାବେ ପ୍ରଫେସର ରଞ୍ଜନ କୁମାର ପ୍ରଧାନଙ୍କୁ ଅବସ୍ଥାପିତ କରାଯାଇଛି।

ସୂଚନାଯୋଗ୍ୟ, ୨୦୧୮ ରେ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଜୟପୁରଠାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଆଞ୍ଚଳିକ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଶୁଭାରମ୍ଭ ହୋଇଥିଲା। ଏଠାରେ ପ୍ରଥମ ଆଞ୍ଚଳିକ ନିର୍ଦ୍ଦେଶକ ଭାବେ ଶ୍ରୀ ରଥଙ୍କୁ ନିଯୁକ୍ତ କରାଯାଇଥିଲା। ଦୀର୍ଘ ୬ ବର୍ଷ ଶ୍ରୀ ରଥ ଜୟପୁରଠାରେ ଆଞ୍ଚଳିକ ନିର୍ଦ୍ଦେଶକ ଭାବେ କାର୍ଯ୍ୟଭାର ଗ୍ରହଣ କରିବା ସହ ସଫଳତାର ସହିତ ପରିଚାଳନା କରିଥିଲେ। ପ୍ରକାଶ ଯେ, ଅଧ୍ୟାପକ ଶ୍ରୀ ରଥ ୧୯୯୦ରେ ଜୟପୁରସ୍ଥିତ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇଂରାଜୀ ବିଭାଗର ଅଧ୍ୟାପକ ଭାବେ ନିଯୁକ୍ତି ପାଇଥିଲେ। ଏହାପରେ ୨୦୦୩ରୁ ୨୦୦୮ ପର୍ଯ୍ୟନ୍ତ ବ୍ରହ୍ମପୁର ସ୍ଥିତ ଖଲ୍ଲିକୋଟ ମହାବିଦ୍ୟାଳୟ, ୨୦୦୮ ରୁ ୨୦୧୦ ପର୍ଯ୍ୟନ୍ତ ଜୟପୁର ମହିଳା ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। କୋରାପୁଟ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଭାବେ ୨୦୧୦ରୁ ୨୦୧୪ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ପୁଣି ଜୟପୁର ବିକ୍ରମଦେବ ମହାବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ଭାବେ ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ।

## ଟିକିରି ଶୈକ୍ଷିକ ସଂଘ ନୂତନ ଗୃହର ଭୂମିପୂଜନ



**ଟିକିରି,୩୧ା୧(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଟିକିରି ଶୈକ୍ଷିକ ସଂଘର ନୂତନ ଗୃହ ପାଇଁ ଭୂମିପୂଜନ ହୋଇଯାଇଛି। ନଟରାଜ ପେଟ୍ରୋଲ ପମ୍ପ ପଛପଟେ ଥିବା ନିଜ ଜାଗାରେ ବୁଧବାର ସକାଳ ୭ଟା ସମୟରେ ଭୂମିପୂଜନ ହୋଇଥିଲା। ସଂଘର ସଭାପତି ବିଜୟରତ୍ନ ଚୌଧୁରୀ ଓ ସମ୍ପାଦକ ଡମ୍ବରୁଧର ସାହୁଙ୍କ ତତ୍ତ୍ୱାବଧାନରେ ବୁଧବାର ପ୍ରାୟ ୨୦ ଜଣ ପୁରୁଷ, ମହିଳା ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ସଂଘ ସଦସ୍ୟଙ୍କ ଅନୁଦାନର ଅର୍ଥରେ ଘର ନିର୍ମାଣ କରାଯିବ।

## ଡିପି କ୍ୟାମ୍ପ୍‌ରେ ଦାଦାବଟି ଆଦାୟକୁ ନେଇ ଗଣ୍ଡଗୋଳ

**ସୁନାବେଡ଼ା,୩୧ା୧(ସମିସ):** ସୋମବାର ରାତିରେ ସୁନାବେଡ଼ା ଥାନା ଅନ୍ତର୍ଗତ ଡିପି କ୍ୟାମ୍ପରେ ଦାଦାବଟି ଆଦାୟକୁ କେନ୍ଦ୍ର କରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ସହ ଗଣ୍ଡଗୋଳ ହୋଇଥିବା ଜଣାଯାଇଛି। ଉକ୍ତ ଘଟଣା ସମ୍ପର୍କରେ ସୁନାବେଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଘଟଣାର ପ୍ରଭାବ ଯୋଗୁଁ ଦୁଇ ଦିନ ହେଲା ସମ୍ପୂର୍ଣ୍ଣ ଡିପି କ୍ୟାମ୍ପ ବଜାର ବନ୍ଦ ରହିଛି।

ସୂଚନା ଅନୁଯାୟୀ, ସ୍ଥାନୀୟ ଗଞ୍ଜାମ କଲୋନୀ ନିବାସୀ ପ୍ରଭାକର ଖରା ଗତ ସୋମବାର ରାତିରେ ନିଜ ବନ୍ଧୁ ମଣ୍ଟୁ, ଅନିଲ, ପଟିକି ଆଦିଙ୍କ ସହିତ ରାସ୍ତାରେ ଯାଉଥିବା ସମୟରେ ନନ୍ଦ ଗୋପାଳ ବର୍ମନ୍ ଏବଂ ନିଜ ଭାଇ ବାପି ବର୍ମନ୍ ସହିତ ଆସି ହଠାତ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ପ୍ରଭାକର ଖରାଙ୍କ ମୁଣ୍ଡ, ହାତ ଓ ଶରୀରର ବିଭିନ୍ନ ଜାଗାରେ ଗଭୀର କ୍ଷତ ହୋଇଛି। ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଏ ନେଇ ପ୍ରଭାକରଙ୍କ ଭାଇ ଦିବାକର ଖରା ସୁନାବେଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ବାପି ବର୍ମନ୍ ଘଟଣା ହେବା ପରେ ସୁନାବେଡ଼ା ଥାନାରେ ଆତ୍ମସମର୍ପଣ କରିଛନ୍ତି। ଅନ୍ୟମାନେ ଫେରାର ଅଛନ୍ତି। ଅପରପକ୍ଷେ ବର୍ମନ ଭ୍ରାତା ଦ୍ୱୟଙ୍କର ମା' ପୁଷ୍ପାଞ୍ଜଳି ବର୍ମନ ବିଭିନ୍ନ ସମୟରେ ପ୍ରଭାକର ଖରା ଅଭିଯୁକ୍ତ ଦୁଇ ଭାଇଙ୍କୁ ଦାଦାବଟି ଆଦାୟ କରିବାକୁ ଆସି ମାରଣାସ୍ତ୍ର ଦେଖାଇ ହଇରାଣ ହରକତ କରୁଥିବା ନେଇ ପାଲଟା ଅଭିଯୋଗ କରିଛନ୍ତି। ଏଥିରେ ଅତିଷ୍ଠ ହୋଇ ଦୁଇ ଭାଇ ଏପରି କାଣ୍ଡ ଭିଆଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଆହୁରି ମଧ୍ୟ ଘଟଣାକୁ ନେଇ ପ୍ରଭାକର ଖରାଙ୍କର ସମର୍ଥକ ଏବଂ ବନ୍ଧୁବାନ୍ଧବମାନେ ଏକତ୍ରିତ ହୋଇ ବର୍ମନ୍ ପରିବାରଙ୍କ ଘରେ ଏବଂ ଦୋକାନରେ ପଶି ଭଙ୍ଗାରୁଜା କରିବା ସହିତ ବର୍ମନ୍ ପରିବାର ଲୋକଙ୍କୁ ମାଡ଼ ମାରିଛନ୍ତି ବୋଲି ପୁଷ୍ପାଞ୍ଜଳି ବର୍ମନ ଏତଲାରେ ଦର୍ଶାଇଛନ୍ତି। ଉଭୟ ପକ୍ଷଙ୍କ ଅଭିଯୋଗ ଏବଂ ବୟାନ ଆଧାରରେ ସୁନାବେଡ଼ା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ନିଜ ଟିମ୍ ନେଇ ତଦନ୍ତ ପାଇଁ ଡିପି କ୍ୟାମ୍ପ ଓ ଗଞ୍ଜାମ କଲୋନୀ ପାଟ୍ରୋଲିଂ କରୁଛନ୍ତି। ସୁନାବେଡ଼ା ଥାନା ଏଏସ୍‌ଆଇ ବାଳକୃଷ୍ଣ ରଥ ମାମଲାର ତଦନ୍ତ କରୁଛନ୍ତି। ବାପି ବର୍ମନ୍ ଓ ନନ୍ଦ ଗୋପାଳ ବର୍ମନ୍ ଦୁଇ ଭାଇଙ୍କ ନାମରେ ଏକ ମାମଲା (୨୬/୨୦୨୪) ଏବଂ ପ୍ରଭାକର ଓ ତାଙ୍କ ବନ୍ଧୁଙ୍କ ନାମରେ ଅନ୍ୟ ଏକ ମାମଲା (୨୭/୨୦୨୪) ରୁଜୁ କରାଯାଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

## ଚିତ୍ରକୋଣ୍ଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ




**ଚିତ୍ରକୋଣ୍ଡା,୩୧ା୧(ସମିସ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ୩ୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୨୯ ଓ ୩୦ ଦୁଇ ଦିନ ଧରି ମହାଆଡ଼ମ୍ବରରେ ଏହି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ବିଦ୍ୟାଳୟର ଖେଳ ଶିକ୍ଷକ ଭୂପିନ୍ଦର ନାୟକଙ୍କ ମାର୍ଗଦର୍ଶନରେ ଛାତ୍ରଛାତ୍ରୀମାନେ ଦୁର୍ଗା ମନ୍ଦିରରୁ ମଶାଲ ପ୍ରଜ୍ୱଳନ କରି ବିଦ୍ୟାଳୟର ଖେଳପଡ଼ିଆ ପରିକ୍ରମା କରି ମଶାଲକୁ ସ୍ଥାପନା କରିବା ପରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ବିଶ୍ୱଶ୍ରୀ ବିଶ୍ୱାସପ୍ରଭାତ ଦାସ କ୍ରୀଡ଼ା ପତାକା ଉତ୍ତୋଳନ କରି ସାମୂହିକ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ବାର୍ଷିକ କ୍ରୀଡ଼ାର ଶୁଭାରମ୍ଭ କରିଥିଲେ। ଏହି ଉତ୍ସବରେ ଦୌଡ଼ ପ୍ରତିଯୋଗିତା, ଉଚ୍ଚ ଡିଆଁ, ଲମ୍ବ ଡିଆଁ ଆଦି ୨୫ ପ୍ରକାରର ଖେଳ ନିୟମ ଅନୁଯାୟୀ ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହୋଇଯାଇଥିଲା। ଅନ୍ତିମ ଦିନରେ ସ୍ଥାନୀୟ ତହସିଲଦାର ନଟବର ଗରଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ୍ ପରିଦର୍ଶନ କରି କ୍ରୀଡ଼ାର ଗୁରୁତ୍ୱ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲା। ଏହି ଉତ୍ସବରେ ଇଂରାଜୀ ଶିକ୍ଷକ ସରୋଜ କୁମାର ପରିଡ଼ା ମଞ୍ଚ ପରିଚାଳନା କରିଥିବାବେଳେ ରାମ କିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଯଥା ସୁଜାତା ଖାଲଖୋ, ଭାରତ ବାଘ, ରାଧାମୋହନ ଆଚାର୍ଯ୍ୟ, ଗଜେନ୍ଦ୍ର ସାହୁ, ଗୁରୁପ୍ରସାଦ ଡାକୁଆ, ମିତା ଶତପଥୀ, ସୁନିତା ନାହାକ, ଆକାଶ ବାରିକ, ଜଗଦୀଶ ଦଳେଇ, ସିଦ୍ଧାନ୍ତ ଭୋଇ ଉପସ୍ଥିତ ଥିଲେ।

## କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



**ଦୁର୍ଗୀ,୩୧ା୧(ସମିସ):** ବିଷମକଟକ ବ୍ଲକ୍ ଦୁର୍ଗୀ ପଞ୍ଚାୟତର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ସପ୍ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଅନୁସୂୟା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ କ୍ରୀଡ଼ା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିଜୟ କୁମୁରୁକା ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆରସି ଜିତେନ୍ଦ୍ର ସାହୁ ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଅତିଥିମାନେ ଦୀପ ପ୍ରଜ୍ୱଳନ କରି ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷୟିତ୍ରୀ ତୁନିମା କୁମାରୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ମୀନତି ରାଜ, ସଂଯୁକ୍ତା ପାଟଯୋଶୀ, ଲିପସା ବେହେରା, ଆରତୀ ପରିଡ଼ା, ମୀନତି କଣ୍ଡାଗିରି, ଉଷାରାଣୀ ପାଢ଼ୀ, ସନ୍ତୋଷିନୀ ମହାପାତ୍ର ଓ ଛବି ମହାକୁଡ଼ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମହାବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

**ମାଲକାନଗିରି,୩୧ା୧(ସମିସ):** ମାଲକାନଗିରି ମହାବିଦ୍ୟାଳୟର ସଭାଗୃହରେ +୩ କଳା ଓ ବାଣିଜ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଭାରତୀୟ ସେନା ପକ୍ଷରୁ ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କୁ ଅଗ୍ନିବୀର ମାଧ୍ୟମରେ ଅଧିକରୁ ଅଧିକ ଯୋଗଦେବା ପାଇଁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିବାବେଳେ ଅଧ୍ୟାପକ ଡ. ରଞ୍ଜନ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ବିଶେଷଜ୍ଞ ଭାବରେ କର୍ଣ୍ଣଲ ଆନନ୍ଦ ତାନ୍ତି ଓ ଅଧିକାରୀ ବିଜେନ୍ଦ୍ର ସିଂହ



ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭାରତୀୟ ସେନାରେ ଯୋଗଦେବା ପାଇଁ ପ୍ରେରଣା ଦେଇଥିଲେ। କର୍ଣ୍ଣଲ ଆନନ୍ଦ ତାନ୍ତି ଭାରତୀୟ ସେନାରେ ଥିବା ସମୟରେ ବିଭିନ୍ନ ସୁବିଧା ସୁଯୋଗ ଓ କ୍ୟାରିୟର ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି ଭାରତୀୟ ସେନାରେ ଯୋଗଦେବାର ଇଚ୍ଛାକୁ ପ୍ରକାଶ କରିଥିଲେ। ଜିଲ୍ଲା ନିଯୁକ୍ତି ଅଧିକାରୀ ଅଜୟ ଦୀପ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଅଗ୍ନିବୀର ଯୋଜନା ମାଧ୍ୟମରେ ଯୋଗଦେବା ପାଇଁ କିପରି ପଞ୍ଜୀକରଣ କରିବାକୁ ପଡ଼ିବ ତାହା ବୁଝାଇଥିଲେ। ସଭା ଶେଷରେ ଲେଫ୍ଟନାଣ୍ଟ ସୁଶାନ୍ତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ଭି ୧୪ ଗ୍ରାମ ନଦୀ ଉପରେ ବ୍ରିଜ୍ ନିର୍ମାଣ ଦାବି

**ମାଲକାନଗିରି,୩୧ା୧(ସମିସ):** ମାଲକାନଗିରି ଜିଲ୍ଲା ଏମଭି ୧୪ ଗ୍ରାମ ପାଇଁ ଦାଉ ସାଧୁଛି ଗ୍ରାମ ନିକଟରେ ଥିବା ନଦୀ। ଯାହା ଉପରେ ବ୍ରିଜ୍ ନିର୍ମାଣ ନିମନ୍ତେ ବର୍ଷ ବର୍ଷ ଧରି ଦାବି କରୁଛନ୍ତି ଅଞ୍ଚଳବାସୀ।



ଲୋକଙ୍କ କହିବା ଅନୁଯାୟୀ, ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍ ଗୁମୁକା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଏମଭି ୧୪ ଗ୍ରାମ ରହିଛି। ଗ୍ରାମ ଆରପଟେ ରହିଛି ଏମଭି ୧୯ ଗ୍ରାମ। ଦୁଇ ଗ୍ରାମ ମଝିରେ ନଦୀ ଥିବାରୁ ଏହି ନଦୀ ପାର ହୋଇ ଅନେକ ଲୋକ କାଲିମେଲା, ପଡ଼ିଆ, ମୋଟୁ, ପୋଟେରୁ, ମାଲକାନଗିରି ସହ ଅନ୍ୟ ସ୍ଥାନକୁ ଯିବାଆସିବା କରନ୍ତି। ଏହି ରାସ୍ତା ଦେଇ ଲୋକଙ୍କୁ ଜିଲ୍ଲା ସଦରଠାରୁ ଅନ୍ୟ ବ୍ଲକଗୁଡ଼ିକ ନିକଟତର ହୋଇଥିବାରୁ ଲୋକେ ନିତିଦିନିଆ ଏହି ରାସ୍ତାରେ ଯାଆନ୍ତି। କିନ୍ତୁ ବର୍ଷା ଦିନେ ଏହି ରାସ୍ତା ଦେଇ ଯାତାୟାତ ହେବା ବହୁ କଷ୍ଟକର ହୋଇଥାଏ। ନଦୀ ଉପରେ ବ୍ରିଜ୍ ନ ଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ବର୍ଷା ଦିନେ ଲୋକଙ୍କ ପାଇଁ ବ୍ଲକ୍ ସଦରକୁ ଯିବାଆସିବା କରିବା ପାଇଁ ମାଇଲ୍ ମାଇଲ୍ ବାଟ ଅଧିକ ଦୂର ଅତିକ୍ରମ କରିବାକୁ ପଡ଼େ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏବେ ମଧ୍ୟ ନଦୀରେ ଦୁଇରୁ ଅଢ଼େଇ ଫୁଟ ପାଣି ସ୍ରୋତ ପ୍ରବାହିତ ହେଉଛି। ସ୍ୱଳ୍ପ ବର୍ଷା ହେଲେ ଚାରିରୁ ପାଞ୍ଚ ଫୁଟ ପାଣି ପ୍ରବାହିତ ହୁଏ। ଯାହା ଫଳରେ ଲୋକେ ଯିବାଆସିବା ପାଇଁ ବିପଜ୍ଜନକ ପରିସ୍ଥିତି ଉତ୍ପନ୍ନ ହୋଇଥିବାରୁ ଲୋକେ ଏଠାରେ ଏକ ବ୍ରିଜ୍ ନିର୍ମାଣ ପାଇଁ ବାରମ୍ବାର ଜିଲ୍ଲା ପ୍ରଶାସନ ସହ ଜନ ପ୍ରତିନିଧିଙ୍କୁ ଗୁହାରି କଲେ ମଧ୍ୟ କିଛି ସୁଫଳ ମିଳୁନି ବୋଲି ଲୋକେ ଅଭିଯୋଗ କରିଛନ୍ତି। ତେବେ ଆସନ୍ତା ସାଧାରଣ ନିର୍ବାଚନ ସୁଦ୍ଧା ଯଦି ବ୍ରିଜ୍ ନିର୍ମାଣ ଘୋଷଣା ନ କରନ୍ତି ତାହେଲେ ଆସନ୍ତା ନିର୍ବାଚନରେ ଭୋଟ୍ ବର୍ଜନ କରିବେ ଏବଂ ରାଜରାସ୍ତା ଅବରୋଧ କରି ପ୍ରତିବାଦ କରିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ବ୍ଲକ୍‌ସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ ପାଳିତ

**କଲ୍ୟାଣସିଂହପୁର,୩୧ା୧(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧ୍ୟକ୍ଷା ଅମ୍ରିତା କାଦ୍ରାକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବରେ ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବୋର୍ଡର ରାଜ୍ୟ ଉପଦେଷ୍ଟା ସୁଧୀର କୁମାର ଦାସ ଉପସ୍ଥିତ ରହିଥିଲେ। ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଅଧ୍ୟକ୍ଷା ଅନୁସୂୟା ମାଝୀ, ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଉପସଭାପତି



ବନମାଳୀ କାଦ୍ରାକା, କନ୍ଧକୁଳ ସମାଜର ଉପସଭାପତି ଶଙ୍କର ହୁଇକା,(କ)ଜୋନ୍ର ଜିଲ୍ଲା ପରିଷଦ ସଦସ୍ୟ ବି ୱାରା ପ୍ରସାଦ ରାଓ, ବ୍ଲକ ଉପାଧ୍ୟକ୍ଷ ଡମ୍ବରୁ କଞ୍ଜାକା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ଦାସ, ଲୋକକଳା ମହୋତ୍ସବର ଜିଲ୍ଲା ଉପସଭାପତି ସନ୍ତୋଷ କୁମାର ବଛା, ପିଆରଇ ସଦସ୍ୟ, ସରପଞ୍ଚ, ସମିତି ସଭ୍ୟସଭ୍ୟା ସମ୍ମାନିତ ଅତିଥି ଭାବରେ ମଞ୍ଚାସିନ ରହିଥିଲେ। ମୁଖ୍ୟମନ୍ତ୍ରୀ ଜନଜାତି ବର୍ଗର ଲୋକବିକାଶ ପାଇଁ ବହୁ ପ୍ରକାର ପଦକ୍ଷେପ ନେଇଛନ୍ତି। ଆଦିବାସୀ ଅଧ୍ୟୁଷିତ ଲୋକଙ୍କ ଲୁକ୍କାୟିତ କଳା ଲୋକଲୋଚନକୁ ଆଣିବା ପାଇଁ ଓ ବିଭିନ୍ନ ପୂଜାପର୍ବରେ ବାଜାର ଆବଶ୍ୟକତା ରହିଛି। ସେଥିପାଇଁ ଉକ୍ତ ବ୍ଲକର ୧୪ଟି ପଞ୍ଚାୟତରେ ଥିବା କଳା ସାଂସ୍କୃତିକ ଦଳକୁ ଦୁଇ ହଳ ଲେଖାଏଁ ବାଜା ପ୍ରଦାନ କରାଯାଇଛି। ଏହାକୁ ବ୍ଲକ ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ ଦାସ ବାଙ୍ଗାରି,ଏପିଓ ମାର୍ଶାଲ ପ୍ରଧାନ, ବ୍ଲକ୍, ଅଗ୍ନିଶମ, ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବହୁ ସଂଖ୍ୟକ ଆଦିବାସୀମାନେ ଉପସ୍ଥିତ ରହିଥିଲେ। ଭାତ ପରିସି ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ କାଦ୍ରାକା ମଞ୍ଚ ପରିଚାଳନା କରିଥିଲେ।

